Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 29

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 20 ଜୁଲାଇ 2017    20 ୱଫା 1396 ହି.ଶ    25 ଶୱାଲ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ<sup></sup>ଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

# ଏହା ହିଁ ପ୍ରକୃତ ସତ୍ୟ ଅଟେ ଯେ ମସିହ୍ ମୃତ୍ୟୁବରଣ କରିସାରିଛନ୍ତି ଓ ଶ୍ରୀନଗରର ମହଲା ଖାନିଆର୍‌ରେ ତାଙ୍କର କବର୍ ଅଛି । ଏବେ ଖୁଦା ନିଜେ ଅବତୀର୍ଣ୍ଣ ହେବେ ଏବଂ ସେମାନଙ୍କ ସହିତ ନିଜେ ଲଢ଼ିବେ ଯେଉଁମାନେ ସତ୍ୟ ସହିତ ଲଢୁଛନ୍ତି ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଆପଣମାନଙ୍କ ବିଶ୍ୱାସ ଅନୁସାରେ ଯେଉଁ କାର୍ଯ୍ୟ ପାଇଁ ମସିହ ଇବ୍‌ନେ ମରିୟମ୍ ଆକାଶରୁ ଆସିବେ ଅର୍ଥାତ୍ ସେ ମେହେଦୀଙ୍କ ସହିତ ମିଶି ଲୋକମାନଙ୍କୁ ଜବର୍‌ଦସ୍ତି ମୁସଲ୍‌ମାନ୍ କରିବା ପାଇଁ ଯୁଦ୍ଧ କରିବେ, ଏହା ଏପରି ଏକ ବିଶ୍ୱାସ ଯାହା ଇସ୍‌ଲାମ୍‌କୁ ବଦ୍‌ନାମ୍ କରୁଅଛି । ପବିତ୍ର କୋରାନ୍‌ରେ କେଉଁଠି ଲେଖା ଅଛି କି ଧର୍ମ ପାଇଁ ବାଧ କରିବା ଉଚିତ୍ ବୋଲି । ବରଂ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି **ଲା ଇକ୍‌ରାହା ଫିଦ୍ ଦୀନ୍** । ଅର୍ଥାତ୍ ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ଉଚିତ୍ ନୁହେଁ । ତେବେ ମସିହ ଇବ୍‌ନେ ମରିୟମ୍‌କୁ କାହିଁକି ବାଧ କରିବା ପାଇଁ ଅଧିକାର ଦିଆଯିବ । ଏପରିକି ଇସ୍‌ଲାମ୍ ଗ୍ରହଣ କରିବା ବା ହତ୍ୟା କରିବା ବ୍ୟତୀତ ଜିଜିଆ ମଧ୍ୟ ଗ୍ରହଣ କରିବେ ନାହିଁ । ଏ ଶିକ୍ଷା ପବିତ୍ର କୋରାନ୍‌ର କେଉଁ ସ୍ଥାନରେ, କେଉଁ ସିପାରାରେ ଓ କେଉଁ ସୁରାରେ ଉଲ୍ଲେଖ ଅଛି । ସାରା କୋରାନ୍ ବାରମ୍ବାର କହୁଛି ଯେ ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ । ଏବଂ ପ୍ରାଞ୍ଜଳ ଭାବେ ସ୍ପଷ୍ଟ କରୁଅଛି ଯେ ଯେଉଁ ଲୋକମାନଙ୍କ ସହିତ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ଯୁଦ୍ଧ କରାଯାଇଥିଲା ତାହା ଦୀନ୍‌କୁ ବାଧ୍ୟତାମୂଳକ ରୂପେ ପ୍ରସାର କରିବା ପାଇଁ କରାଯାଇନଥିଲା । ବରଂ ତାହା ଦଣ୍ଡ ସ୍ୱରୂପ ଥିଲା । ଅର୍ଥାତ୍ ସେହି ଲୋକମାନଙ୍କୁ ଦଣ୍ଡ ଦେବା ନିୟତିର ଧାର୍ଯ୍ୟ ଥିଲା । ଯେଉଁମାନେ ମୁସଲ୍‌ମାନ ମାନଙ୍କ ମଧ୍ୟରୁ ଗୋଟିଏ ବହୁତ ବଡ଼ ଦଳକୁ ହତ୍ୟା କରିଥିଲେ ଓ କିଛି ମୁସଲ୍‌ମାନମାନଙ୍କୁ ନିଜ ଦେଶରୁ ବାହାର କରିଦେଇଥିଲେ । ତାଙ୍କ ସହିତ ବହୁତ ସଙ୍ଗୀନ ଅତ୍ୟାଚାର କରିଥିଲେ । ଉଦାହରଣ ସ୍ୱରୂପ ଅଲ୍ଲାଃତାଲା କହୁଛନ୍ତି, **ଉଜିନା ଲିଲ୍ଲଜିନା ଯୁକାତଲୁନା ବିଅନ୍ନହୁମ୍ ଜୁଲିମୁ ୱ ଇନ୍ନଲଲ୍ଲାହା ଅଲା ନସ୍‌ରିହିମ୍ ଲକଦିର୍** । ଅର୍ଥାତ୍ ସେହି ମୁସଲ୍‌ମାନ ମାନଙ୍କୁ, ଯାହାଙ୍କ ସହିତ କୁଫାର (ଅମାନ୍ୟକାରୀ) ଯୁଦ୍ଧ କରୁଛନ୍ତି ସେମାନେ ଅତ୍ୟାଚାରର ଶିକାର ହେବା ଯୋଗୁଁ (ତାଙ୍କୁ ଯୁଦ୍ଧ କରିବା ପାଇଁ) ଅନୁମତି ଦିଆଯାଇଛି । ଅଲ୍ଲାଃତାଲା ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସକ୍ଷମ ଅଟନ୍ତି ବା ସେହି ମୁସଲ୍‌ମାନ ମାନେ ଆତ୍ମରକ୍ଷା ପାଇଁ ଯୁଦ୍ଧ କରୁଥିଲେ । ଅର୍ଥାତ୍ ଯେଉଁମାନେ ଇସ୍‌ଲାମ୍‌କୁ ଧ୍ୱଂସ କରିବା ପାଇଁ ଅଗ୍ରସର ହେଉଥିଲେ ବା ନିଜ ଦେଶରେ ଇସ୍‌ଲାମ୍‌ର ପ୍ରସାରକୁ ବାହୁବଳ ଦ୍ୱାରା ରୋକୁଥିଲେ ସେମାନଙ୍କଠାରୁ ସୁରକ୍ଷା ପାଇବା ପାଇଁ ବା ଦେଶରେ ନିଜରେ ସ୍ୱାଧୀନତା ଗ୍ରହଣ ପାଇଁ ଯୁଦ୍ଧ ହେଉଥିଲା । ତିନୋଟି କାରଣ ବ୍ୟତୀତ ଆଁ ହଜ୍‌ରତ୍ ସ:ଆ:ସ ଓ ଆପଣଙ୍କ ପବିତ୍ର ଖଲିଫାମାନେ କୌଣସି ଯୁଦ୍ଧ କରିନାହାଁନ୍ତି ବରଂ ଇସ୍‌ଲାମ୍ ନିଜେ ଅନ୍ୟ ଧର୍ମମାନଙ୍କ ଅତ୍ୟାଚାରରେ ପ୍ରପିଡ଼ୀତ ହୋଇ ଏତେ ସହ୍ୟ କରିଛନ୍ତି ଯେ ତାହାର ଦୃଷ୍ଟାନ୍ତ ଅନ୍ୟ କୌମ୍‌ରେ ମିଳେନାହିଁ । ତେବେ ଏହି ଇସା ମସିହ୍ ଓ ମେହେଦୀ ସାହେବ୍ କିପରି ଆସିବା କ୍ଷଣି ଲୋକମାନଙ୍କୁ ହତ୍ୟା କରିବା ଆରମ୍ଭ କରିଦେବେ ? ଏପରିକି କୌଣସି ଅହଲେକିତାବ୍ (ଯାହାଙ୍କୁ ଐଶ୍ୱରିକ ପୁସ୍ତକ ପ୍ରଦାନ କରାଯାଇଛି)ଙ୍କ ଠାରୁ ଜିଜିଆ ମଧ୍ୟ ଗ୍ରହଣ କରିବେ ନାହିଁ ଏବଂ **ହତ୍ତା ଯୁତୁଲ୍ ଜିଜିୟା ଅଇଁ ୟଦିଉଁ ୱହୁମ୍ ସାଗେରୁନ୍** କୁ ମଧ୍ୟ ମନ୍‌ସୁଖ୍ (ନିଃଶେଷ) କରିଦେବେ । ତେଣୁ ଏମାନେ ଇସ୍‌ଲାମ୍ ଧର୍ମର କିପରି ସାହାଯ୍ୟକାରୀ ହେବେ ଯେ ଆସିବା କ୍ଷଣି ପବିତ୍ର କୋରାନ୍‌ର ଏହି ଆୟତକୁ ମଧ୍ୟ ମନ୍‌ସୁଖ୍ କରିଦେବେ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ମଧ୍ୟ ମନ୍‌ସୁଖ୍ ହୋଇନାହିଁ । ଏହିପରି ଇନ୍‌କିଲାବ୍ କରିବା ସତ୍ତ୍ୱେ ମଧ୍ୟ ଖତ୍‌ମେ ନବୁଓ୍ୱତ୍‌ରେ କୌଣସି କ୍ଷତି ହେବ ନାହିଁ । ୧୩୦୦ ବର୍ଷ ହେବ ନବୁଓ୍ୱତ୍‌ର ଯୁଗ ବିତିଯିବା ପରେ ବର୍ତ୍ତମାନ ଯୁଗରେ ନିଜେ ଇସ୍‌ଲାମ୍ ୭୩ ଫିର୍‌କା (ଗୋଷ୍ଠୀ)ରେ ବାଂଟି ହୋଇ ବ୍ୟାପିଗଲାଣି । ଏ ଯୁଗରେ ସଚ୍ଚା ମସିହ୍‌ର ଏପରି କାର୍ଯ୍ୟ କରିବା ଉଚିତ୍ ହେବ ଯେ ସେ ଦଲିଲ୍ (ଯୁକ୍ତିଯୁକ୍ତ ପ୍ରମାଣ) ସହିତ ହୃଦୟ ଉପରେ ବିଜୟପ୍ରାପ୍ତ କରନ୍ତୁ, ତଲଓ୍ୱାର୍ ସହିତ ନୁହେଁ । ସଲିବି (କୃଶ) ବିଶ୍ୱାସକୁ ବାସ୍ତବିକ୍ ରୂପେ ଓ ଯୁକ୍ତିଯୁକ୍ତ ପ୍ରମାଣ ସହିତ ଭାଙ୍ଗି ଦିଅନ୍ତୁ ନା ଏପରିକି ସୁନା, ରୁପା, ପିତଳ ଓ କାଠର କୃଶ ଗୁଡିକୁ ଭାଙ୍ଗିବାରେ ଲାଗିପଡନ୍ତୁ । ଯଦି ତୁମେ ବାଧ କରାଇବ ତେବେ ସେହି ବାଧ୍ୟତା ଏ କଥାର ବଳିଷ୍ଠ ପ୍ରମାଣ ଅଟେ ଯେ ତୁମ ପାଖରେ ସତ୍ୟତାର କୌଣସି ଯୁକ୍ତିଯୁକ୍ତ ପ୍ରମାଣ ନାହିଁ । ପ୍ରତ୍ୟେକ ନାଦାନ (ମୁର୍ଖ) ଓ ଅତ୍ୟାଚାରୀ ପ୍ରବୃତିର ଲୋକମାନେ ଯେତେବେଳେ ଦଲିଲ୍ ଦେଇପାରିନଥାନ୍ତି ସେତେବେଳେ ସେମାନେ ବନ୍ଧୁକ ଓ ତଲ୍‌ଓ୍ୱାର ଆଡ଼କୁ ହାତ ବଢ଼ାଇଥାଆନ୍ତି । ତେଣୁ ଏପରି ଧର୍ମ କଦାପି କଦାପି ଅଲ୍ଲାଃଙ୍କ ତରଫରୁ ହୋଇପାରିବ ନାହିଁ । ଯାହା କେବଳ ତଲ୍‌ଓ୍ୱାର ଜରିଆରେ ପ୍ରସାର ହୋଇଥିବ ନା କୌଣସି ଅନ୍ୟ ଉପାୟରେ ହୋଇଥିବ । ଯଦି ତୁମେ ଏପରି ଜିହାଦ୍‌ରୁ ନିବୃତ ନ ରହିପାରିବ ଏବଂ କ୍ରୋଧ ଜର୍ଜରିତ ହୋଇ ସତ୍ୟବାଦୀଙ୍କ ନାମ ଦଜ୍ଜାଲ ଓ ମୁଲ୍‌ହିଦ୍ (ନାସ୍ତିକ) ରଖିବ ତେବେ ଆମେ ଏହି ଦୁଇଟି ବାକ୍ୟରେ ଏହି ବକ୍ତବ୍ୟକୁ ଶେଷ କରୁଛୁ-କୁଲ୍ ୟା ଅୟୋହଲ୍ କାଫିରୁନା ଲା ଆବୁଦା ମା ତାବୁଦୁନା । ଅନ୍ତଃ କଳିକନ୍ଦଳ ସମୟରେ ତୁମର କପୋଳକଳ୍ପିତ ମେହେଦୀ କାହା କାହା ଉପରେ ତରବାରୀ ଚଳାଇବେ । କଣ ସୁନୀଙ୍କ ନିକଟରେ ସିହାର ସ୍ଥାନ ଏପରି ନୁହେଁ ଯେ ତାଙ୍କ ଉପରେ ତରବାରି ଉଠାଯିବ ଏବଂ ସିହାଙ୍କ ନିକଟରେ ସୁନୀଙ୍କର ସ୍ଥାନ ଏପରି ନୁହେଁ ଯେ ତାଙ୍କୁ ତରବାରି ଦ୍ୱାରା ନିଃଶେଷ କରିଦିଆଯିବ । ତେଣୁ ତୁମ ଅନ୍ତଃ ବିଭାଜନ ତୁମର ବିଶ୍ୱାସ ଅନୁଯାୟୀ ଦଣ୍ଡ ପାଇବେ । ତେବେ ତୁମେ କାହା କାହାଙ୍କ ସହିତ ଜିହାଦ୍ କରିବ । କିନ୍ତୁ ମନେରଖ ଖୁଦା ତରବାରିର ଆଶ୍ରୟ ନିଏ ନାହିଁ । ସେ ନିଜ ଧର୍ମକୁ ଆକାଶୀୟ ଚିହ୍ନ ସହିତ ପୃଥିବୀରେ ପ୍ରସାର କରାଏ । ତାକୁ କେହି ରୋକି ପାରିବେ ନାହିଁ । ଏବଂ ମନେରଖ ଯେ ଇସା ଏବେ କଦାପି ଅବତୀର୍ଣ୍ଣ ହେବେନାହିଁ । କାରଣ ସେ **ଫଲମ୍ମା ତୌଫଇତନି** ଆୟତରେ ନିଜେ କୟାମତ୍ ଦିନ ଏହି ସ୍ୱୀକାର କରିବେ ଯେ ସେ ଆଉ ଦ୍ୱିତୀୟ ଥର ସଂସାରକୁ ଆସିବେ ନାହିଁ ଏବଂ କୟାମତ ଦିନ ସେ ଏହି ଉଜର (ବାହାନା) କରିବେ ଯେ ତାଙ୍କୁ ଇସାଇ ମାନଙ୍କର ବିପଥଗାମୀ ହେବାର କୌଣସି ଖବର ନାହିଁ । ତେଣୁ ଏହି ଆୟତ୍‌ରେ ସେ ସ୍ପଷ୍ଟ ରୂପେ ସ୍ୱୀକାର କରିଛନ୍ତି ଯେ ମୁଁ ଦୁନିଆରେ ଦ୍ୱିତୀୟ ଥର ଆସିବି ନାହିଁ । ଯଦି ସେ କୟାମତ୍ ପୂର୍ବରୁ ଦୁନିଆକୁ ଆସିଥାନ୍ତେ ଏବଂ ୪୦ ବର୍ଷ ପର୍ଯ୍ୟନ୍ତ ରହିଥାନ୍ତେ ତେବେ ସେ ଅଲ୍ଲାଃଙ୍କ ସମ୍ମୁଖରେ ମିଛି କହୁଛନ୍ତି ଯେ ମୋତେ ଇସାଇମାନଙ୍କ ଅବସ୍ଥା ସମ୍ପର୍କରେ କୌଣସି ଜ୍ଞାନ ନାହିଁ । ତାଙ୍କୁ ତ ଏହା କହିବାର ଥିଲା ଯେ ଦ୍ୱିତୀୟ ଥର ଆସିବା ସମୟରେ ମୁଁ ଚାଳିଶି କରୋଡ଼ ପାଖାପାଖି ଇସାଇଙ୍କୁ ପାଇଲି ଏବଂ ସେ ସମସ୍ତଙ୍କୁ ଦେଖିଲି । ତେଣୁ ମୋତେ ସେମାନଙ୍କର ବିପଥଗାମୀ ହେବାର ଖୁବ୍ ଅନେଅଛି ବୋଲି । ମୁଁ ତ ପୁରସ୍କାର ପାଇବାର ଅଧିକାରୀ ଯେ ସମସ୍ତ ଇସାଇମାନଙ୍କୁ ମୁସଲ୍‌ମାନ କରିସାରିଛି ଓ ସଲିବି (କୃଶ)କୁ ଭାଙ୍ଗି ଚାଲିଛି । ଏହା କେତେବଡ଼ ମିଛ ଯେ ଇସା କହିବେ ମୋତେ କୌଣସି ଖବର ନାହିଁ । ତେଣୁ ଏହି ଆୟତ୍‌ରେ ମସିହ୍ ଅତ୍ୟନ୍ତ ସ୍ପଷ୍ଟ ରୂପରେ ସ୍ୱୀମାର କରିଛନ୍ତି ଯେ ସେ ସଂସାରକୁ ପୁନର୍ବାର ଆସିବେ ନାହିଁ । ଏହା ହିଁ ପ୍ରକୃତ ସତ୍ୟ ଅଟେ ଯେ ମସିହ୍ ମୃତ୍ୟୁବରଣ କରିସାରିଛନ୍ତି ଓ ଶ୍ରୀନଗରର ମହଲା ଖାନିଆର୍‌ରେ ତାଙ୍କର କବର୍ ଅଛି । ଏବେ ଖୁଦା ନିଜେ ଅବତୀର୍ଣ୍ଣ ହେବେ ଏବଂ ସେମାନଙ୍କ ସହିତ ନିଜେ ଲଢ଼ିବେ ଯେଉଁମାନେ ସତ୍ୟ ସହିତ ଲଢୁଛନ୍ତି । ଖୁଦାଙ୍କ ଲଢିବାରେ କୌଣସି ଆପତି କରିବା ଉଚିତ୍ ନୁହେଁ । କାରଣ ତାହା ଐଶି ଚିହ ଦ୍ୱାରା ହୋଇଥାଏ । କିନ୍ତୁ ମଣିଷର ଯୁଦ୍ଧ କରିବା ଆପତିଜନକ ଅଟେ । କାରଣ ସେ ଜବର୍‌ଦସ୍ତି ଯୁଦ୍ଧ କରିଥାଏ । **(କଶ୍‌ତିନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୭୩-୭୬)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ବୈବାହିକ ଜୀବନରେ ତଲାକ୍‌ର ବାସ୍ତବିକତା !

ଇସଲାମ ଧର୍ମ ଏକ ସଂପୂର୍ଣ୍ଣ ଧର୍ମ । ଏଥିରେ ସମସ୍ତ ସମସ୍ୟାର ସମାଧାନ ରହିଛି । ପୁରୁଷ ହେଉ ବା ମହିଳା ସମସ୍ତ ମାନବ ଜାତିକୁ ସମାନ ମାନବାଧିକାର ଦିଆଯାଇଛି । ପ୍ରତ୍ୟେକ ଧର୍ମରେ ବିବାହ ବନ୍ଧନ ଏକ ଶୁଭ ଓ ମଙ୍ଗଳମୟ ବନ୍ଧନହୋଇଥାଏ । କିନ୍ତୁ ଅନେକ କାରଣ ବଶତଃ ସ୍ୱାମୀ ସ୍ତ୍ରୀ ସମ୍ବନ୍ଧରେ ମନ ମାଳିନ୍ୟତା ଯୋଗୁଁ ବିଭ୍ରାଟ ସୃଷ୍ଟି ହୋଇଥାଏ । ଏପରି ପରିସ୍ଥିତିରେ ପୁରୁଷକୁ ଏବଂ ସ୍ତ୍ରୀକୁ ଇସଲାମୀୟ ବିଧାନ ଅନୁମତି ଦେଇଛି କି ସେମାନେ ଜଣେ ଅନ୍ୟଜଣ ଠାରୁ ଅଲଗା ହୋଇପାରିବେ । ଅର୍ଥାତ୍ ବିବାହ ବନ୍ଧନରୁ ମୁକ୍ତ ହୋଇପାରିବେ । ଏହି ପ୍ରକ୍ରିୟାକୁ ଇସଲାମୀୟ ଭାଷାରେ ''ତଲାକ୍'' ଏବଂ ''ଖୁଲା''କୁହାଯାଏ । ପୁରୁଷ ତରଫରୁ ବିବାହ ବନ୍ଧନରୁ ମୁକ୍ତି ପାଇଁ କରାଯାଇଥିବା କାର୍ଯ୍ୟକୁ ''ତଲାକ୍'' କୁହାଯାଏ ଏବଂ ମହିଳା ତରଫରୁ ବିବାହ ବନ୍ଧନରୁ ମୁକ୍ତି ପାଇଁ କରାଯାଇଥିବା କାର୍ଯ୍ୟକୁ ''ଖୁଲା'' କୁହାଯାଏ । ଅମାନ୍ୟକାରୀତା,ଦ୍ୱେଷ ଏବଂ ପର ପୁରୁଷ ପ୍ରତି ପ୍ରଲୋଭିତ କାରଣ ଥିବାବେଳେ ''ତଲାକ୍'' ଦେବାର ଅନୁମତି ରହିଛି । ପବିତ୍ର କୋରାନର ଅଧ୍ୟାୟ ୨ଆୟତ ୨୨୯ରେ ବର୍ଣ୍ଣନା ଅଛି, ଯେଉଁ ମହିଳା ମାନଙ୍କୁ ତଲାକ୍ ପ୍ରାପ୍ତ ହୁଏ ସେମାନେ ତିନି ଥର ଋତୁସ୍ରାବ ପର୍ଯ୍ୟନ୍ତ ନିଜେ ନିଜକୁ ଅଟକାଇ ରଖନ୍ତୁ ....ଏବଂ ସେ ସମୟ ମଧ୍ୟରେ ଯଦି ସେମାନଙ୍କ ସ୍ୱାମୀମାନେ ପରସ୍ପର ମଧ୍ୟରେ ମିଳାମିଶା କରିବାକୁ ଇଚ୍ଛୁକ ହୁଅନ୍ତି ତେବେ ସେମାନେ ସେ ପତ୍ନୀମାନଙ୍କୁ ଫେରାଇ ନେବା ଲାଗି ଅଧିକା ହକଦାର ଅଟନ୍ତି । ପୁଣି ଆୟତ ୨୩୦ରେ ବର୍ଣ୍ଣନା ଅଛି , ଏପରି ତଲାକ୍ ଯହିଁରେ ମିଳାମିଶା ହୋଇପାରିବ ତାହା ଦୁଇଥର ହୋଇପାରେ । ତାପରେ ହୁଏତ ପତ୍ନୀକୁ ସମୁଚିତ ପନ୍ଥାରେ ଅଟକାଇବାକୁ ହେବ ଅଥବା ସଦ୍‌ବ୍ୟବହାର ପୂର୍ବକ ବିଦାୟ ଦେବାକୁ ହେବ । ପୁଣି ଆୟତ ୨୩୧ରେ ବର୍ଣ୍ଣନା କରାଯାଇଛି କି ତା'ପରେ ଯଦି ଉପରେ ବର୍ଣ୍ଣିତ ଦୁଇଟି ତଲାକ୍ ଅତିବାହିତ ହେଲା ପରେ ମଧ୍ୟ ପତି ତାହାକୁ ତୃତୀୟ ତଲାକ୍ ଦିଏ ତେବେ ସେ ମହିଳା ତା ପାଇଁ ସେ ପର୍ଯ୍ୟନ୍ତ ବୈଧ୍ୟ ହେବ ନାହିଁ ଯେପର୍ଯ୍ୟନ୍ତ ସେ ମହିଳା ତା ବ୍ୟତୀତ ଅନ୍ୟ କୌଣସି ପତି ନିକଟକୁ ନ ଯାଇଛି; କିନ୍ତୁ ଯଦି ସେ (ଦ୍ୱିତୀୟ ପତି) ମଧ୍ୟ ତାହାକୁ ତଲାକ୍ ଦିଏ ତେବେ ଯଦି ସେ ଉଭୟଙ୍କର (ଅର୍ଥାତ୍ ପ୍ରଥମ ପତି ଓ ପତ୍ନୀଙ୍କର ) ବିଶ୍ୱାସ ହୁଏ ଯେ ସେମାନେ ଅଲ୍ଲାଃଙ୍କ ନିର୍ଦ୍ଧାରିତ ସୀମାକୁ ବଜାୟ ରଖିପାରିବେ ତେବେ ପରସ୍ପର ମଧ୍ୟରେ ପୁନର୍ବାର ମିଳାମିଶା କରିବାରେ କୌଣସି ପାପ ହେବ ନାହିଁ । ପୁଣି ଆୟତ ୨୩୨ରେ ଲେଖାଅଛି, ଯେତେବେଳେ ତୁମେ ମାନେ ପତ୍ନୀମାନଙ୍କୁ ତଲାକ୍ ଦିଅ ଓ ସେମାନେ ନିଜ ନିର୍ଦ୍ଦିଷ୍ଟ ସମୟର ଶେଷ ସୀମାରେ ଉପନୀତ ହୁଅନ୍ତି ସେତେବେଳେ ଏକେତ ସେମାନଙ୍କୁ ସମୁଚିତ ପନ୍ଥାରେ ଅଟକାଅ ବା ସେମାନଙ୍କୁ ସମୁଚିତ ପନ୍ଥାରେ ବିଦାୟ ଦିଅ; ଏବଂ ସେମାନଙ୍କୁ କଷ୍ଟ ଦେବା ଉଦ୍ଦେଶ୍ୟରେ ଆବଦ୍ଧ କରି ରଖ ନାହିଁ । ଯେଉଁ ବ୍ୟକ୍ତି ଏପରି କରିବ ତେବେ ବୁଝି ରଖ ଯେ ସେ ନିଜ ଉପରେ ହିଁ ଅତ୍ୟାଚାର କରିଅଛି । ଆୟତ ୨୩୩ରେ ଲେଖାଅଛି, ଯେତେବେଳେ ତୁମେମାନେ ପତ୍ନୀମାନଙ୍କୁ ତଲାକ୍ ଦିଅ ଓ ସେମାନେ ନିଜ ନିର୍ଦ୍ଦିଷ୍ଟ ଅବଧିକୁ ପୁରଣ କରନ୍ତି ଏବଂ ଯେତେବେଳେ ସେମାନେ ପରସ୍ପର ମଧ୍ୟରେ ଉତମ ପନ୍ଥାରେ ସମ୍ମତ ହୋଇଯାଆନ୍ତି ସେତେବେଳେ ସେମାନଙ୍କୁ ନିଜ ପତିମାନଙ୍କ ସହିତ ପୁଣି ବିବାହ କରିବାକୁ ବାରଣ କରନାହିଁ । ପୁଣି ଆୟତ ୨୩୮ରେ ବର୍ଣ୍ଣନା ଅଛି, ଯଦି ତୁମେମାନେ ମହର ଧାର୍ଯ୍ୟ ହେବା ପରେ କିନ୍ତୁ ସେମାନଙ୍କୁ ସ୍ପର୍ଶ କରିବା ପୂର୍ବରୁ ତଲାକ୍ ଦିଅ ତେବେ ଏପରି ପରିସ୍ଥିତିରେ ଯାହା ମହର ତୁମେମାନେ ଧାର୍ଯ୍ୟ କରିଅଛ ତାହାର ଅଧା ସେମାନଙ୍କୁ ଦେବାକୁ ହେବ ।''

ଉକ୍ତ''ତଲାକ୍''(ଛାଡପତ୍ର)ଦେବା ପୂର୍ବରୁ ଇସଲାମ ଶାନ୍ତି , ମୈତ୍ରୀ ଓ ଏକତାର ଶିକ୍ଷା ଓ ପଦ୍ଧତି ଅବଲମ୍ବନ କରିବାର ଆଦେଶ ଦେଇଥାଏ । ସୁତରାଂ ଅଲ୍ଲାଃ ପବିତ୍ର କୋରାନ ମାଧ୍ୟମରେ ଏଶିକ୍ଷା ଦେଇଛନ୍ତି ଯେ ଯଦି ଉକ୍ତ ସମସ୍ୟା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉପୁଜିଥାଏ ତେବେ ପ୍ରଥମେ ନିଜ ନିଜ ମଧ୍ୟରେ ଆପୋଷ ବୁଝା ମଣା କରି ସମସ୍ୟାର ସମାଧାନ କରିନିଆଯାଉ । ଦ୍ୱିତୀୟତଃ ଆବଶ୍ୟକ ସ୍ଥଳେ ସ୍ତ୍ରୀର ବିଛଣାକୁ ଅଲଗା କରି ଦିଆଯାଉ । ତୃତୀୟତଃ ଇସ୍‌ଲାମିୟ ନ୍ୟାୟାଧୀଶ (କାଜି) ଙ୍କ ଅନୁମତି କ୍ରମେ ଉଭୟ ପକ୍ଷରୁ ଜଣେ ଜଣେ ଓକିଲ ମୁତୟନ କରାଯାଇ, ସେମାନଙ୍କ ମଧ୍ୟରେ ମିତ୍ରତା ସ୍ଥାପନ କରାଯାଉ । ଯଦି ଉକ୍ତ ପ୍ରାରମ୍ଭିକ ଉପଚାର ଦ୍ୱାରା ସମସ୍ୟାର ସମାଧାନ ନହୋଇଥାଏ ତେବେ ପୁରୁଷ ଲିଖିତ ଆକାରରେ ଇସ୍‌ଲାମିୟ ନ୍ୟାୟାଧୀଶ କିମ୍ବା ଉକ୍ତ ଓକିଲଙ୍କ ମାଧ୍ୟମରେ ପ୍ରଥମ ''ତଲାକ୍''ର ଘୋଷଣା କରୁ । ପ୍ରଥମ ''ତଲାକ୍''ର ଅବଧି ଏକ ମାସ । ଅର୍ଥାତ୍ ସ୍ତ୍ରୀ ର ମାସିକ ପବିତ୍ରତା ପର୍ଯ୍ୟନ୍ତ । ଏହାକୁ ମିତ୍ରତା ସ୍ଥାପନ ଅର୍ଥାତ୍ ବାହୁଡିବା କୁହାଯାଇଥାଏ । ଏହି ମାସକ ମଧ୍ୟରେ ଯଦି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଯାଏ ତେବେ ସ୍ୱାମୀ ପୁନର୍ବାର ସ୍ତ୍ରୀ ସହ ପୁର୍ବ ପରି ଜୀବନ ଜାପନ କରିପାରିବ । ଯାହାକୁ ଇସଲାମୀୟ ଭାଷାରେ ''ତଲାକ୍-ଏ-ରଜୟୀ''କୁହାଯାଏ । ଯଦି ମିତ୍ରତା ସ୍ଥାପନ ହୋଇନପାରେ ତେବେ ଉକ୍ତ ଆଦେଶ ଅନୁଯାୟୀ ସ୍ତ୍ରୀର ମାସିକ ପବିତ୍ରତା ପରେ ଦ୍ୱିତୀୟ ''ତଲାକ୍'' ଉକ୍ତ ପ୍ରଥା ଅନୁଯାୟୀ ପୁରୁଷ ଘୋଷଣା କରିବ । ଏହାର ଅବଧି ମଧ୍ୟ ଏକ ମାସ ହୋଇଥାଏ । ଯଦି ଏହି ମାସକ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଯାଏ , ତେବେ ପୁନର୍ବାର ''ନିକାଃ'' କରିବା ଆବଶ୍ୟକ । ଯାହାକୁ ଇସଲାମୀୟ ଭାଷାରେ ''ତଲାକ୍ -ଏ-ବାଇନ୍'' କୁହାଯାଏ ଅର୍ଥାତ୍ ପୁନର୍ବିବାହ ସହ ବାହୁଡିବା । ଯଦି ଉକ୍ତ ପନ୍ଥାଦ୍ୱାର ମିତ୍ରତା ସ୍ଥାପନ ହୋଇନପାରେ ତେବେ ଉକ୍ତ ଆଦେଶ ଅନୁଯାୟୀ ସ୍ତ୍ରୀର ମାସିକ ପବିତ୍ରତା ପରେ ତୃତୀୟ ''ତଲାକ୍'' ଉକ୍ତ ପ୍ରଥା ଅନୁଯାୟୀ ପୁରୁଷ ଘୋଷଣା କରିବ । ଏହାକୁ ଇସଲାମୀୟ ଭାଷାରେ ''ତଲାକ୍ -ଏ-ବତ୍‌ତା''କୁହାଯାଏ । ଏହି ତଲାକ ପରେ ପୁରୁଷ ପୁନର୍ବାର ସେହି ସ୍ତ୍ରୀ ପାଖକୁ ବାହୁଡି ପାରିବ ନାହିଁ କି ତା ସହିତ ବିବାହ କରି ପାରିବ ନାହିଁ । ଏହା ପରେ ସେ ସ୍ତ୍ରୀ ର ଯଦି ଅନ୍ୟ କୌଣସି ପୁରୁଷ ସହିତ ବିବାହ ହେଲା ଏବଂ କୌଣସି କାରଣରୁ ସେ ଅର୍ଥାତ୍ ଦ୍ୱିତୀୟ ସ୍ୱାମୀ ସେ ସ୍ତ୍ରୀ କୁ ତଲାକ୍ ଦେଲା ତେବେ ପୂର୍ବ ସ୍ୱାମୀ ପୁନର୍ବାର ସେ ସ୍ତ୍ରୀ ସହ ବିବାହ କରିପାରିବ ।

''ତଲାକ୍'' ଇସଲାମ ଶିକ୍ଷା ଓ ବିଧାନ ଅନୁଯାୟୀ ଐଶୀ ଅନୁମତି ଅଟେ, ଏହି ବିଧିର ବିଧାନକୁ କେହି ମଣିଷ କାଟିପାରିବ ନାହିଁ । ନା ହିଁ ଐଶୀ ଆଦେଶର ଅବମାନନା କରିବାର ସାହସ କରିପାରିବ । ଯେପରି ପୁରୁଷକୁ ଅନୁମତି ଅଛି କି ସେ ଉଚିତ୍ କାରଣ ଯୋଗୁଁ ତଲାକ୍ ଦେଇପାରିବ । ସେହିଭଳି ମହିଳାମାନଙ୍କୁ ମଧ୍ୟ ଅନୁମତି ଦିଆଯାଇଛି କି ସେମାନେ ଉଚିତ୍ କାରଣ ଯୋଗୁଁ ପୁରୁଷ ଠାରୁ ଖୁଲା ନେଇପାରିବେ । ଇସଲାମ ତଲାକ୍‌ର ଏପରି ପ୍ରକ୍ରିୟା ମଧ୍ୟରେ ଯେଉଁ ସମୟର ବ୍ୟବଧାନ ରଖିଛି,ତାହାର ଉଦ୍ଦେଶ୍ୟ ଏହା ହିଁ ଯେ ସ୍ୱାମୀ ସ୍ତ୍ରୀ ଦୁହିଁଙ୍କୁ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରିବାର ସମୟ ମିଳିପାରୁ । କିନ୍ତୁ ଇସଲାମର ସଠିକ ବିଧାନ ଓ ନୀତି ନିୟମ ନଜାଣିପାରି ଏକକାଳିନ ''ତଲାକ୍'' ''ତଲାକ୍'' ''ତଲାକ୍''କହିଦେଇ ସ୍ୱାମୀ ସ୍ତ୍ରୀ ଠାରୁ ଏବଂ ସ୍ତ୍ରୀ ସ୍ୱାମୀ ଠାରୁ ଅଲଗା ହୋଇଯିବା ଏକ ନିଷ୍ଠୁରତାର ପରିଚୟ ମାତ୍ର । ଇସଲାମ ସର୍ବକ୍ଷେତ୍ରରେ ମଧ୍ୟମ ନୀତିକୁ ଆପଣାଇ ଥାଏ । ପ୍ରକୃତିର ନିୟମକୁ ଭଙ୍ଗ ନକରି ଅନୁକୂଳ ପ୍ରକ୍ରିୟାରେ ସବୁ ସମସ୍ୟାର ସମାଧାନ କରିଥାଏ । କାହାରି ଉପରେ ଅନ୍ୟାୟ ଅତ୍ୟାଚାର କରିନଥାଏ କି କାହାରି ଅଧିକାରକୁ ଛଡ଼ାଇ ନେଇନଥାଏ । ବରଂ ସର୍ବେ ଭବନ୍ତୁ ସୁଖିନଃର ଶାନ୍ତି ଓ ଶୃଙ୍ଖଳିତର ବାର୍ତା ଦେଇଥାଏ । ଇସଲାମ ଧର୍ମର ପ୍ରବର୍ତକ ପୈଗମ୍ବର ହଜରତ ମୁହମ୍ମଦ ସ:ଅ:ସ କହିଛନ୍ତି, ତଲାକ୍ ଦେବା ମୋତେ ବହୁତ ଦୁଃଖ ଦେଇଥାଏ । ନିଃସନ୍ଦେହରେ ଏହା ଏକ ଘୃଣ୍ୟ କାର୍ଯ୍ୟ । ଏହାର ଅପର ପକ୍ଷେ ଇସଲାମ ବୈବାହିକ ଜୀବନକୁ ସୁଖ ଶାନ୍ତିରେ ଅତିବାହିତ କରିବା ଲାଗି ପ୍ରତ୍ୟେକ ପୁରୁଷ ତଥା ସ୍ତ୍ରୀ ଉଭୟ ପ୍ରତି କେତେକ କର୍ତବ୍ୟ ନ୍ୟସ୍ତ କରିଛି । ପ୍ରଥମତଃ ପୁରୁଷକୁ ଆଦେଶ ଦିଆଯାଇଛି କି ସେ ବିବାହ ନିମନ୍ତେ ଏକ ସୁନ୍ଦର ସୁଶୀଳ ଏବଂ ଗୁଣବନ୍ତି ତଥା ଧାର୍ମିକ ମହିଳାର ଚୟନ କରୁ । ଯଦ୍ଦ୍ୱାରା ସର୍ବଦା ପରିବାରରେ ଧର୍ମପରାୟଣତା, ଭଦ୍ରତା ଓ ଶାନ୍ତି ତିଷ୍ଠି ରହିପାରୁ । ବିବାହ ପରେ ସ୍ତ୍ରୀ ସହ ଉତମ ବ୍ୟବହାର କରାଯାଉ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଏକତା ଏବଂ ଉପଯୁକ୍ତ ବୁଝାମଣା ରହୁ । ଜଣେ ଅନ୍ୟ ଜଣ ପ୍ରତି ସମ୍ମାନ ଓ ଶ୍ରଦ୍ଧା ବ୍ୟକ୍ତ କରୁ । କ୍ଷମା ଓ ଦୟାଭାବ ପ୍ରଦର୍ଶନ କରୁ । ଛୋଟ ଛୋଟ କଥାରେ ରାଗରୋଷ ତଥା ଅସାମାଜିକ ଓ ଅଶ୍ଳିଳ ଭାଷା ନକୁହାଯାଉ । ପୁରୁଷ,ସ୍ତ୍ରୀର ପିତାମାତା ପ୍ରତି ଏବଂ ସ୍ତ୍ରୀ,ପୁରୁଷର ପିତା ମାତା ପ୍ରତି ସର୍ବଦା ସମ୍ମାନ ଓ ସେବାର ମନୋଭାବ ବ୍ୟକ୍ତ କରୁ । ପରିବାରର ବଡ଼ମାନଙ୍କ ପ୍ରତି ଶ୍ରଦ୍ଧା ଓ ଛୋଟମାନଙ୍କ ପ୍ରତି ଦୟା ଓ ସହାନୁଭୂତି ପ୍ରଦର୍ଶନ କରାଯାଉ । ଇସଲାମର ଏହି ସୁନ୍ଦର ଶିକ୍ଷାକୁ ଯଦି ଆମେ ଭଲଭାବେ ବୁଝି ତତ୍‌ଅନୁଯାୟୀ କାର୍ଯ୍ୟକାରି କରିବା ନିଶ୍ଚିତରେ ଆମ ବୈବାହିକ ଜୀବନ ସୁଖ ସମୃଦ୍ଧିରେ ଅଗ୍ରସର ହୋଇପାରିବ । ଆଜିର ଏହି ଅଶାନ୍ତ ଓ ଆତଙ୍କିତ ବିଶ୍ୱରେ ଅହମଦୀୟା ମୁସଲିମ ଜମାତ ଇସଲାମର ଏହି ସୁନ୍ଦର ଶିକ୍ଷାକୁ ଯାହା ଆଜି କେତେକ ମୁଲ୍ଲା ଓ ମୌଳବାଦୀମାନଙ୍କ ଯୋଗୁଁ ଅପଭ୍ରଂଶ ହୋଇଯାଇଛି ପୁନଃସ୍ଥାପିତ କରିବା ତଥା ବିଶ୍ୱଶାନ୍ତି, ଭ୍ରାତୃଭାବ ଏବଂ ମାନବାଧିକାର ସ୍ଥାପିତ କରିବା ପାଇଁ ଆମର ଏହା ଆଉ ଏକ ପ୍ରୟାସ ।

ଫଜଲ୍ ହକ୍ ଖାନ୍
କେରଙ୍ଗ,ଖୋର୍ଦ୍ଧା-୯୬୯୨୨୨୫୦୫୭

# ଖୁତ୍‌ବା ଜୁମା

◆ବିଗତ ଖୁତବାରେ ମୁଁ କହିଥିଲି ଯେ ତକ୍‌ୱା ହାସଲ କରିବା ନିମନ୍ତେ ଚେଷ୍ଟା ଅତ୍ୟନ୍ତ ଆବଶ୍ୟକ । ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ଜଣେ ସେତେବେଳେ ମୁତ୍‌ତକି ହୋଇଥାଏ ଯେତେବେଳେ ତାହା ମଧ୍ୟରେ ସମସ୍ତ ପ୍ରକାରର (ଉତମ) ଆଚରଣ ଭରି ରହିଥାଏ । ସୁତରାଂ ଜଣେ ମୋମିନ୍ ସମସ୍ତ ପ୍ରକାରର ଉତମ ଆଚରଣକୁ ଆପଣାଇବା ପାଇଁ ଚେଷ୍ଟା କରିବା ଆବଶ୍ୟକ ତେବେଯାଇ ସେ ମୁତ୍‌ତକି ହୋଇପାରିବ ।

◆କିନ୍ତୁ କେତେକ ଉତମ ଆଚରଣ ଏଭଳି ଅଟେ, ଯଦି ତାହା ମୋମିନ୍ ଭିତରେ ନଥାଏ ତେବେ ତାହାର ବିଶ୍ୱାସର ସ୍ତର ମଧ୍ୟ ତଳକୁ ଖସିଯାଇଥାଏ । ଦେଖିବାକୁ ହେବ ଏହା ଅଛି ବା ନାହିଁ । ତକ୍‌ୱା ତ ପଛ କଥା । ପ୍ରଥମେ ଇମାନ୍‌କୁ ସମ୍ଭାଳିବା ଆବଶ୍ୟକ ଅଟେ । ସେଥି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସତ କହିବା ଅଟେ ।

◆ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପଦେଶାବଳୀ ସନ୍ଦର୍ଭରେ ସତ୍ୟର ଗୁରୁତ୍ୱ ଏବଂ ତାହାର ଆବଶ୍ୟକତାର ଚର୍ଚ୍ଚା ଓ ଏ ସମ୍ପର୍କରେ ଯମାତର ଲୋକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ।

◆ନିକଟରେ ନ୍ୟାଶିନାଲ୍ ଜ୍ୟୋଗ୍ରାଫିକ୍‌ରେ ପ୍ରକାଶିତ ଗୋଟିଏ ବିଷୟରେ କୁହାଯାଇଥିଲା ଯେ ଲୋକମାନେ ମିଛ କାହିଁ କହୁଛନ୍ତି । ତାର କିଛି କାରଣ ଉପରେ ଚର୍ଚ୍ଚା ଓ ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ ସତ୍ୟ ଓ ସିଧାସାଧା ବକ୍ତବ୍ୟକୁ ଗ୍ରହଣ କରିବା ପାଇଁ ତାଗିଦ ।

◆ଆପଣ କୁହନ୍ତି ମିଥ୍ୟା ବଚନକୁ ପ୍ରତିମାର ମୁକାବିଲାରେ ରଖାଯାଇଛି ଏବଂ ପ୍ରକୃତରେ ମିଥ୍ୟା ବଚନ ମଧ୍ୟ ଏକ ପ୍ରକାରର ପ୍ରତିମା ଅଟେ । ନଚେତ୍ କ'ଣ ପାଇଁ ଜଣେ ସତ କହିବାକୁ ହାତଛଡ଼ା କରି ଅନ୍ୟ ମାର୍ଗର ପଥିକ ହୁଏ ।

◆ଯେପରି ପ୍ରତିମା ପଛରେ କୌଣସି ସତ୍ୟତା ନଥାଏ । ଏହିପରି ମିଥ୍ୟା ପଛରେ ମଧ୍ୟ କେବଳ କପୋଳକଳ୍ପିତ କଥା ଛଡ଼ା ଆଉ କିଛି ନଥାଏ (ଅର୍ଥାତ୍ ନିଜ କଥାକୁ କେବଳ ବାହ୍ୟ ମଶୃଣ କରାଯାଇଥାଏ ନଚେତ୍ ତା ଭିତରେ କିଛି ନଥାଏ) କହିଲେ ଯେ ମିଥ୍ୟାବାଦୀ ଉପରେ ଭରଷା କରିବାର ସ୍ତର ଏତେ ତଳକୁ ଖସିଯାଇଥାଏ କି ସେ ସତ କଥା କହିଲେ ମଧ୍ୟ ସନ୍ଦେହ ହୋଇଥାଏ କି ସେଥିରେ କିଛି ମିଛ ମିଶ୍ରିତ ଥିବ । ଯଦି ଜଣେ ମିଥ୍ୟାବାଦୀ ଇଚ୍ଛା କରେ କି ମୁଁ ମିଛ କହିବାରୁ ନିବୃତ ରୁହେ ତେବେ ତାହା ଏତେ ଶିଘ୍ର ସମ୍ଭବ ହୋଇନଥାଏ ।

◆ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପୁଣ୍ୟ ଯାହା ମୋମିନ୍‌ଙ୍କ ଚରିତ୍ର ହେବା ଉଚିତ୍ ଓ ଅଲ୍ଲାଃତାଲାଙ୍କ ନିକଟତର କରାଇଥାଏ ତାହା ହେଉଛି ବିନମ୍ରତା ଓ ଅହଂକାରରୁ ଦୁରେଇଯିବା ।

◆ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପଦେଶାବଳୀ ମଧ୍ୟରୁ ଗର୍ବ ଓ ଅହଂକାରର ବିଭିନ୍ନ ପାର୍ଶ୍ୱ ବିଷୟରେ ଚର୍ଚ୍ଚା ଏବଂ ସେଥିରୁ ବଂଚିବା ପାଇଁ ଓ ବିନମ୍ରତା ଆଚରଣ କରିବା ପାଇଁ ଉପଦେଶ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୬ ଜୁନ୍ ୨୦୧୭ ଅନୁଯାୟୀ ୧୬ ଏହ୍‌ସାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ବିଗତ ଖୁତବାରେ ମୁଁ କହିଥିଲି ଯେ ତକ୍‌ୱା ହାସଲ କରିବା ନିମନ୍ତେ ଚେଷ୍ଟା ଅତ୍ୟନ୍ତ ଆବଶ୍ୟକ । ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ଜଣେ ସେତେବେଳେ ମୁତ୍‌ତକି ହୋଇଥାଏ ଯେତେବେଳେ ତାହା ମଧ୍ୟରେ ସମସ୍ତ ପ୍ରକାରର (ଉତମ) ଆଚରଣ ଭରି ରହିଥାଏ । ସୁତରାଂ ଜଣେ ମୋମିନ୍ ସମସ୍ତ ପ୍ରକାରର ଉତମ ଆଚରଣକୁ ଆପଣାଇବା ପାଇଁ ଚେଷ୍ଟା କରିବା ଆବଶ୍ୟକ ତେବେଯାଇ ସେ ମୁତ୍‌ତକି ହୋଇପାରିବ । କିନ୍ତୁ କେତେକ ଉତମ ଆଚରଣ ଏଭଳି ଅଟେ, ଯଦି ତାହା ମୋମିନ୍ ଭିତରେ ନଥାଏ ତେବେ ତାହାର ବିଶ୍ୱାସର ସ୍ତର ମଧ୍ୟ ତଳକୁ ଖସିଯାଇଥାଏ । ଦେଖିବାକୁ ହେବ ଏହା ଅଛି ବା ନାହିଁ । ତକ୍‌ୱା ତ ପଛ କଥା । ପ୍ରଥମେ ଇମାନ୍‌କୁ ସମ୍ଭାଳିବା ଆବଶ୍ୟକ ଅଟେ । ସେଥି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସତ କହିବା ଅଟେ । ଅଲ୍ଲାଃତାଲା ପବିତ୍ର କୋରାନରେ କହିଛନ୍ତି- **ଫଜ୍‌ତନିବୁ ରଜ୍‌ସା ମିନଲ୍ ଅଓ୍ୱସାନେ ଓ୍ୱଜ୍‌ତନିବୁ କୌଲିଜ୍ ଜୁର୍ । (ସୁରା ଅଲ୍‌ହଜ୍:-୩୧)**

ସୁତରାଂ ତୁମେ ପ୍ରତିମା ପୂଜା ତଥା ମିଥ୍ୟା ବଚନରୁ ନିବୃତ ରୁହ । ଅଲ୍ଲାଃତାଲା ପ୍ରତିମା ଓ ମିଥ୍ୟା ବଚନକୁ ଏକତ୍ର ରଖି ସ୍ୱଷ୍ଟ କରିଦେଲେ ଯେ, ଯଦି ତୁମେ ସତ୍ୟ ନିଷ୍ଠା ଓ ସତ କହିବାରେ ଅଭ୍ୟସ୍ତ ନୁହଁ ତେବେ ଏହା ସେହିପରି ବଡ଼ ପାପ ଯେପରି ପ୍ରତିମା ପୂଜା କରିବା ଅଟେ । ଏହା ସମ୍ଭବ ନୁହେଁ ଯେ ଜଣେ ମୋମିନ୍ ଅଲ୍ଲାଃଙ୍କ ଏକେଶ୍ୱରବାଦ ଉପରେ ଆସ୍ଥା ରଖିବା ସହିତ ଦୃଶ୍ୟ ଓ ଅଦୃଶ୍ୟ ପ୍ରତିମା ପୂଜାର ଅପବିତ୍ରତାରେ ମଧ୍ୟ ଜଡ଼ିତ ରହିଥିବ ।

ସୁତରାଂ ଏହା ବହୁତ ବଡ଼ ଓ ମୁକ୍ତ ଚେତାବନି ଅଟେ । ଜଣେ ବିଶ୍ୱାସର ଘୋଷଣାକାରୀ ଯଦି ମୋମିନ୍ ଅଟେ, ତେବେ ତାହାକୁ ସତ କହିବାର ସର୍ବୋଚ୍ଚ ସ୍ତର ହାସଲ କରିବାକୁ ହେବ, ନଚେତ୍ ନିଜ ବିଶ୍ୱାସ ପ୍ରତି ତାହାକୁ ଚିନ୍ତିତ ହେବାର ଅଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ଏହାକୁ ବହୁତ ବିସ୍ତାର କରି ଧ୍ୟାନ ଆକର୍ଷଣ କରାଇଛନ୍ତି । ବହୁତ ସ୍ୱଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି ଯେ ବୁତ / ପ୍ରତିମା ପୂଜା କଣ ? ତେଣୁ ତୁମେ ନିଜର ଇମାନ୍‌କୁ ସୁରକ୍ଷିତ ରଖିବା ପାଇଁ, ନିଜ ବିଶ୍ୱାସରେ ଉନ୍ନତି ଆଣିବାକୁ ହେଲେ ପ୍ରତ୍ୟେକ ପ୍ରକାରର ବୁତ / ପିତୁଳା ପୂଜାର ଅପବିତ୍ରତାରୁ ନିଜକୁ ରକ୍ଷା କରିବାକୁ ହେବ ଓ ବଂଚିବାକୁ ହେବ ଓ କଣ ଉପାୟ କରିବାକୁ ହେବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ବିଷୟକୁ ନିଜର ବିଭିନ୍ନ ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ସଭାରେ ମଧ୍ୟ ବାରମ୍ବାର ଚର୍ଚ୍ଚା କରିଛନ୍ତି ଓ ବହୁତ ସ୍ୱଷ୍ଟ ରୂପେ ସତ୍ୟର ଗୁରୁତ୍ୱକୁ ବର୍ଣ୍ଣନା କରିଛନ୍ତି ।ଏଥିସମ୍ବନ୍ଧରେ ଅତ୍ୟନ୍ତ ଦରଦର ସହିତ କୁହନ୍ତି- ଯାହାକି ପ୍ରତ୍ୟେକ ଅହେମଦିଙ୍କୁ ପ୍ରତି ମୁହୂର୍ତରେ ନିଜ ସମ୍ମୁଖରେ ରଖିବା ଆବଶ୍ୟକ ଯଦ୍ୱାରା ଆମେ ନିଜ ବିଶ୍ୱାସକୁ ସୁଦୃଢ କରି ତକ୍‌ୱାର ମାର୍ଗରେ ଆଗକୁ ବଢିଚାଲିବା । ଆପଣ କୁହନ୍ତି, ପବିତ୍ର କୋରାନରେ ମିଛ କହିବାକୁ ପ୍ରତିମା ପୂଜା ସହ ସମାନ ଦର୍ଶାଇଛନ୍ତି

ଯେପରି ବର୍ଣ୍ଣିତ ଅଛି **ଫଜ୍‌ତନିବୁ ରିଜ୍‌ସା ମିନଲ୍ ଅଓ୍‌ସାନି ଓ୍ୱଜ୍‌ତନିବୁ କୌଲିଯ୍ୟୁର୍** (ଅଲ୍‌ହଜ୍:-୩୧ ) ଦୁଇଟିଯାକ ଅପବିତ୍ର ଅଟେ ସେଥିରୁ ନିବୃତ ରୁହ (ନୁରୁଲ୍ କୁରୁଆନ୍ ନଂ-୨, ରୁହାନି ଖଜାଏନ୍, ଖଣ୍ଡ-୯, ପୃଷ୍ଠା-୪୦୩) ପୁଣି ମିଛ ଯୋଗୁଁ ମନୁଷ୍ୟ ଖୁଦାତାଲାଙ୍କଠାରୁ ଦୁରେଇଯାଏ ବୋଲି ବର୍ଣ୍ଣନା ଅଛି । ଏହା କହିବା ଉଚିତ ହେବ ଯେ ମିଛୁଆକୁ ଅଲ୍ଲାଃ ଛାଡ଼ିଦେଇଥାଏ । ସେଥିଯୋଗୁଁ କୁହାଯାଇଛି ଯେ "ପିତୁଳା ପୂଜା ଓ ମିଛି କହିବାରୁ ନିବୃତ ରୁହ" । ଅର୍ଥାତ୍ ତୁମେମାନେ ପିତୁଳା ପୂଜାରୁ ନିଜକୁ ରକ୍ଷା କର ଓ ମିଥ୍ୟା କହିବାରୁ ନିଜକୁ ନିବୃତ କର । ମିଥ୍ୟା କହିବା ମଧ୍ୟ ପ୍ରତିମା ପୂଜା କରିବା ପରି ଅଟେ । ଯାହା ଉପରେ ଭରଷା କରୁଥିବା ବ୍ୟକ୍ତି ଅଲ୍ଲାଃଙ୍କ ଉପରେ ଆସ୍ଥା ତୁଟାଇ ଦେଇଥାଏ । ଅତଏବ ମିଛ କହିବା ଦ୍ୱାରା ମଣିଷ ଅଲ୍ଲାଃଙ୍କ ଠାରୁ ଦୂରେଇ ଯାଇଥାଏ । ଯେବେ ଖୁଦାଙ୍କ ଉପରୁ ଆସ୍ଥା ତୁଟାଇ ଦିଅନ୍ତି ତେବେ ଅଲ୍ଲାଃତାଲା ସେ ଭକ୍ତଙ୍କ ନିକଟକୁ ଆସନ୍ତି ନାହିଁ । ଏହା ଆପଣ ଇସ୍‌ଲାମ୍ ଓ୍ୱସୁଲ୍ କି ଫିଲାସଫିରେ ବର୍ଣ୍ଣନା କରିଛନ୍ତି । ପୁଣି ଲେକ୍‌ଚର୍ ଲାହୋର୍‌ରେ ଆପଣ ବର୍ଣ୍ଣନା କରିଛନ୍ତି ଯେ "ପିତୁଳା ପୂଜା ଓ ମିଥ୍ୟାରୁ ବଂଚିତ ରୁହ ଏହି ଦୁଇଟି ଅପବିତ୍ର ଅଟେ । (ଲେକ୍‌ଚର୍ ଲାହେର୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୧୫୭) ସୁତରାଂ ପବିତ୍ର ହେବା ନିମନ୍ତେ ଆବଶ୍ୟକ କି ତୁମେ ମିଥ୍ୟା ଓ ସମସ୍ତ ପ୍ରକାରର ଶିରକ୍ (ଅଲ୍ଲାଃଙ୍କ ସମତୁଲ୍ୟ କରିବା)ରୁ ନିବୃତ ରୁହ । ପୁଣି ଆପଣ ଏକ ମଜ୍‌ଲିସ୍‌ରେ କହିଲେ କି "ପବିତ୍ର କୋରାନ୍ ମିଥ୍ୟାକୁ ମଧ୍ୟ ଏକ ଅପବିତ୍ର ବସ୍ତୁ ରୂପେ ଅଭିହିତ କରିଛି ଯେପରି ଅଲ୍ଲାଃ କହୁଛନ୍ତି-ଫଜ୍‌ତନିବୁର୍ ରଯ୍‌ସା ମିନଲ୍ ଅଓସାନେ ଓ୍ୱଯ୍‌ତନେବୁ କୌଲଜ୍‌ଜୁର୍ (ହଜ:୩୧ )

ଆପଣ କୁହନ୍ତି ମିଥ୍ୟା ବଚନକୁ ପ୍ରତିମାର ମୁକାବିଲାରେ ରଖାଯାଇଛି ଏବଂ ପ୍ରକୃତରେ ମିଥ୍ୟା ବଚନ ମଧ୍ୟ ଏକ ପ୍ରକାରର ପ୍ରତିମା ଅଟେ । ନଚେତ୍ କ'ଣ ପାଇଁ ଜଣେ ସତ କହିବାକୁ ହାତଛଡ଼ା କରି ଅନ୍ୟ ମାର୍ଗର ପଥିକ ହୁଏ । ଯେପରି ପ୍ରତିମା ପଛରେ କୌଣସି ସତ୍ୟତା ନଥାଏ । ଏହିପରି ମିଥ୍ୟା ପଛରେ ମଧ୍ୟ କେବଳ କପୋଳକଳ୍ପିତ କଥା ଛଡ଼ା ଆଉ କିଛି ନଥାଏ (ଅର୍ଥାତ୍ ନିଜ କଥାକୁ କେବଳ ବାହ୍ୟ ମସୃଣ କରାଯାଇଥାଏ ନଚେତ୍ ତା ଭିତରେ କିଛି ନଥାଏ) କହିଲେ ଯେ ମିଥ୍ୟାବାଦୀ ଉପରେ ଭରଷା କରିବାର ସ୍ତର ଏତେ ତଳକୁ ଖସିଯାଇଥାଏ କି ସେ ସତ କଥା କହିଲେ ମଧ୍ୟ ସନ୍ଦେହ ହୋଇଥାଏ କି ସେଥିରେ କିଛି ମିଛ ମିଶ୍ରିତ ଥିବ । ଯଦି ଜଣେ ମିଥ୍ୟାବାଦୀ ଇଚ୍ଛା କରେ କି ମୁଁ ମିଛ କହିବାରୁ ନିବୃତ ରୁହେ ତେବେ ତାହା ଏତେ ଶିଘ୍ର ସମ୍ଭବ ହୋଇନଥାଏ । ହଜୁର ଆ.ସ କୁହନ୍ତି- ଦିର୍ଘ ଦିନର ପ୍ରଚେଷ୍ଟା ଫଳରେ ଏପରି ବ୍ୟକ୍ତି ସତ କହିବାର ଅଭ୍ୟସ୍ତ ହୋଇଥାଏ । (ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୩୫୦)

କିଛି ଲୋକ ପ୍ରତ୍ୟେକ କଥାରେ ମିଛି କହିବାର ଅଭ୍ୟସ୍ତ ହୋଇଯାଇଛନ୍ତି । ଆପଣ କହିଲେ ଯେ ସେଥିଯୋଗୁ ବହୁତ କଷ୍ଟ କରିବାକୁ ପଡ଼ିଥାଏ । ବଡ଼ ଲମ୍ବା ସମୟ ପର୍ଯ୍ୟନ୍ତ ଅଭ୍ୟାସ କରିବା ପରେ ଯାଇ ସତ କହିବାର ଅଭ୍ୟାସ ପଡ଼ିଥାଏ ।

ପୁଣି ସେ ଲୋକମାନେ ଯିଏ ଏହା ଭାବିଥାନ୍ତି ଯେ ଏ ସଂସାରରେ କାମିୟାବ୍ ହେବାକୁ ହେଲେ କିଛି ନା କିଛି ମିଛି କହିବାକୁ ପଡ଼ିବ ଏହାଛଡ଼ା ରାସ୍ତା ନାହିଁ ବୋଲି । ତାଙ୍କର ଧାରଣାକୁ ଭୁଲ୍ ସାବ୍ୟସ୍ତ କରି ଆପଣ ଆ:ସ କହୁଛନ୍ତି "ବୁତ୍ ପରସ୍ତି (ପିତୁଳା ପୂଜା) ସହିତ ମିଥ୍ୟାକୁ ମିଶାଯାଇଛି" ।

ହଜୁର ଆ.ସ କୁହନ୍ତି- ଯେପରି ଜଣେ ମୁର୍ଖ ବ୍ୟକ୍ତି ଅଲ୍ଲାଃଙ୍କୁ ଛାଡ଼ି ପାଷାଣ ନିକଟରେ ନତମସ୍ତକ ହୋଇଥାଏ, ସେହିପରି ନିଜ ସ୍ୱାର୍ଥ ହାସଲ କରିବା ନିମନ୍ତେ ସତ୍ୟ ଓ ସତ୍‌ମାର୍ଗକୁ ହାତଛଡ଼ା କରିବା, ମିଥ୍ୟାକୁ ପ୍ରତିମା ସ୍ୱୀକାର କରିବା ଅଟେ । ଏହି ସବୁ କାରଣ ଯୋଗୁଁ ଅଲ୍ଲାଃତାଲା ତାକୁ ପାଶାଣ ପୂଜା ସହିତ ମିଶାଇଛି । ଯେପରି ଜଣେ ପାଶାଣ ପୂଜକ ପାଶାଣଠାରୁ ମୋକ୍ଷ ଲାଭ କରିବା ଚାହିଁଥାଏ ସେହିପରି କହିଲେ ଯେ "ମିଛି କହୁଥିବା ବ୍ୟକ୍ତି ନିଜଆଡୁ ପ୍ରତିମା ତିଆରି କରିଥାଏ ଏବଂ ଭାବିଥାଏ ଯେ ଏହି ବୁତ (ପାଶାଣ) ଦ୍ୱାରା ମୋତେ ମୁକ୍ତି ମିଳିଯିବ" । ଆପଣ କହୁଛନ୍ତି ଯେ ଏହା କେଡ଼େ ବିଡମ୍ବନା । ଯଦି ତାଙ୍କୁ କୁହାଯାଏ ତୁମେ କାହିଁକି (ଏକ ବ୍ରହ୍ମଙ୍କୁ ଛାଡ଼ି) ପାଶାଣ ପୂଜା କରୁଛ ? ଏହି ଅପବିତ୍ରତାକୁ ଛାଡ଼ିଦିଅ । ସେମାନେ ଉତରରେ କହୁଛନ୍ତି "କାହିଁକି ଛାଡ଼ିବୁ, ଏହାକୁ ଛାଡ଼ିଲେ ଚଳି ହେବନାହିଁ । ଆ'ଠାରୁ ବଳି ଦୁର୍ଭାଗ୍ୟ ଆଉ ବା କ'ଣ ହୋଇପାରେ, ଯେ ମିଥ୍ୟାକୁ ଜୀବନର ସବୁକିଛି ମଣିନେଇଥାନ୍ତି । ମୋତେ ବିଶ୍ୱାସ କର ଶେଷରେ ସତ୍ୟ ହିଁ ବିଜୟୀ ହେବ ଏବଂ କୃତକାର୍ଯ୍ୟ ଓ ସଫଳତା ସତ୍ୟ ହିଁ ଲାଭ କରିବ । ଆପଣ କୁହନ୍ତି- ମିଥ୍ୟା ପରି ଅଶୁଭ କିଛି ନାହିଁ । ସାଧାରଣତଃ ସଂସାରବାସୀ କହିଥାନ୍ତି ଯେ ସତ୍ୟବାଦୀମାନେ କାରାବରଣ ଭୋଗ କରିଥାନ୍ତି କିନ୍ତୁ ମୁଁ ଏହା କିଭଳି ସ୍ୱୀକାର କରିପାରିବି । ମୋ ଉପରେ ସାତ ଗୋଟି ମକଦ୍ଦମା କରାଗଲା ଏବଂ ଅଲ୍ଲାଃଙ୍କ କୃପାରୁ କୌଣସି ଗୋଟିକରେ ହେଲେ ମୋତେ ଗୋଟିଏ ଶବ୍ଦ ମିଛ କହିବାର ଆବଶ୍ୟକତା ପଡ଼ି ନାହିଁ । ଅଲ୍ଲାଃତାଲା ତ ସ୍ୱୟଂ ସତ୍ୟବାଦୀଙ୍କ ସମର୍ଥକ ଓ ସାହାଯ୍ୟକାରୀ । କ'ଣ ଏହା କେବେ ସମ୍ଭବ ଯେ ସେ ସତ୍ୟବାଦୀକୁ ଦଣ୍ଡ ଦେଇପାରିବେ ? ଯଦି ଏପରି ହୋଇଥାନ୍ତା ତେବେ ସଂସାରରେ କେହି ଜଣେ ହେଲେ ମଧ୍ୟ ସତ କହିବାକୁ ସାହସ କରିନଥାନ୍ତେ ଏବଂ ଲୋକଙ୍କର ଅଲ୍ଲାଃଙ୍କ ଉପରୁ ଆସ୍ଥା ତୁଟି ଯାଇଥାନ୍ତା ଏବଂ ସତ୍ୟବାଦୀମାନେ ତ ଜୀବିତ ଅବସ୍ଥାରେ ହିଁ ମରିଯାଇଥାନ୍ତେ । ଆପଣ କୁହନ୍ତି ଯେଉଁ ବ୍ୟକ୍ତି ସତ କହି ଦଣ୍ଡ ପାଏ ସେ ସତ କହିବା ଯୋଗୁଁ ନୁହେଁ ବରଂ ଉକ୍ତ ଦଣ୍ଡ ତାହାର କୌଣସି ଲୁକାୟିତ ଅପକର୍ମର ପରିଣାମ ସ୍ୱରୂପ ତାହାକୁ ମିଳିଥାଏ । ଅଲ୍ଲାଃଙ୍କ ନିକଟରେ ଏପରି ବ୍ୟକ୍ତିମାନଙ୍କ ଅପକର୍ମ ଓ ଦୁଷ୍କାମିର ତ ଲମ୍ବା ତାଲିକା ରହିଛି । ସେମାନେ ଅନେକ ଅପକର୍ମରେ ସଂଶ୍ଳିଷ୍ଟ ଥାନ୍ତି କିନ୍ତୁ ସେଥି ମଧ୍ୟରୁ କୌଣସି ନା କୌଣସିଟିରେ ଧରାପଡ଼ି ଦଣ୍ଡ ପାଇଥାନ୍ତି । ଆପଣ କୁହନ୍ତି **ଚିରସ୍ଥାୟୀ ଉତମ କର୍ମକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ । ନିରବଛିନ୍ନ ଭାବରେ ସତ୍‌କର୍ମ ଓ ପୂଣ୍ୟକର୍ମ କରିଚାଲ । ଯେତେବେଳେ ନିଜ ଅପକର୍ମରୁ କ୍ଷମା ପ୍ରାର୍ଥନା କର ସେତେବେଳେ ଅପକର୍ମରୁ ନିବୃତ ରହିବା ନିମନ୍ତେ ପ୍ରତିଜ୍ଞା କର । ପୁଣି ସେଥିରେ ସର୍ବଦା ସୁଦୃଢ ରହିବା ନିମନ୍ତେ ଚେଷ୍ଟା କର ।**

ହଜୁର ଅନଓ୍ୱର ଅ.ବ କହିଲେ ସଂସାର ପ୍ରେମୀମାନଙ୍କ ଅବସ୍ଥା ତ ଏପରି ଅଟେ ଯେ, ସେମାନେ ଛୋଟ ଛୋଟ କଥାରେ ମିଛ କହିବା ଏକ ସାଧାରଣ କଥା । ବିଗତ ଦିନ National Geography ଦ୍ୱାରା ପ୍ରକାଶିତ ଏକ ପତ୍ରିକାରେ ସେମାନେ ମିଛ କହିବା ସମ୍ବନ୍ଧରେ ଏକ ବଡ଼ ପ୍ରବନ୍ଧ ଲେଖିଥିଲେ ଏବଂ ସେମାନେ ଏହା ଦର୍ଶାଇଥିଲେ କି ଆମେ କାହିଁକି ମିଛ କହୁ । ସେମାନେ ଗବେଷଣା କରି ଏହି ତଥ୍ୟ ରଖିଥିଲେ କି ଜଣେ ବ୍ୟକ୍ତି ପ୍ରତି ଦିନ ୩/୪ ଗୋଟି ମିଛ କହିଥାଏ । ବିଭିନ୍ନ କିସମର ମିଛ ଯେପରିକି କାହାକୁ ପଥଭ୍ରଷ୍ଟ କରିବା ପାଇଁ ମିଛ କହିବା, କାହାରିକୁ ଠକିବା ପାଇଁ ମିଛ କହିବା, ନିଜ ଦୁର୍ବଳତା ଢାଙ୍କିବା ପାଇଁ ମିଛ କହିବା, ନିଜ ସମ୍ବନ୍ଧରେ ଭୁଲ୍ ତଥ୍ୟ ଉପସ୍ଥାପନ କରିବା ନିମନ୍ତେ ମିଛ କହିବା, ସ୍ୱାର୍ଥ ହାସଲ କରିବା ନିମନ୍ତେ ମିଛ କହିବା, ଏସବୁ ଛୋଟ ଛୋଟ ମିଛ କଥା ଅଟେ । ବଡ଼ ମିଛ ମଧ୍ୟରେ ପତି ପତ୍ନୀଙ୍କ ସମ୍ପର୍କରେ ସେମାନେ ଅନ୍ୟମାନଙ୍କ ସହ ଯେଉଁ ଅବୈଦ୍ଧ ସମ୍ପର୍କ ରଖିଥାନ୍ତି ତାହାକୁ ଲୁଚାଇବା ପାଇଁ ସେମାନେ ମିଛ କହିଥାନ୍ତି । ଅତ୍ୟଧିକ ସ୍ୱାଧୀନତା ଯୋଗୁଁ ଏସବୁ ଅବୈଦ୍ଧ ସମ୍ପର୍କ ଗଢି ଉଠିଥାଏ ଏବଂ ଏହାକୁ ଲୁଚାଇବା ପାଇଁ ମିଛ କହିବାକୁ ପଡ଼ିଥାଏ । ପୁଣି ଯେତେବେଳେ ସେମାନଙ୍କ ମିଥ୍ୟାର ପେଡ଼ି ଖୋଲିଥାଏ ସେତେବେଳେ ଝଗଡ଼ା ଆରମ୍ଭ ହୋଇଥାଏ ଏବଂ ଏପରି ବିଛେଦ ଓ ତଲାକ୍ ପର୍ଯ୍ୟନ୍ତ କଥା ପହଁଚିଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ଆମ ଜମାଅତର ମଧ୍ୟ ଯଦି ନିରୀକ୍ଷଣ କରାଯାଏ ତେବେ ଜଣାଯାଇଥାଏ ଯେ ଖୁଲା ତଲାକ୍ (ବିଚ୍ଛେଦ) ମିଛ କହିବା ଓ ମିଛର ସାହାର ନେବା ଯୋଗୁଁ ହୋଇଥାଏ । ଏହି ମୂଳ କଥାକୁ ବୁଝାଇବା ନିମନ୍ତେ ନିକାଃ ସମୟରେ ଖୁତବାରେ ଯେଉଁ କୋରାନ ଆୟତ ପାଠ କରାଯାଇଥାଏ । ତାହା ଏହି କି ଯେ **ୟାଅୟୁହ ଲ୍‌ଜିନା ଆମନୁତ୍ ତକୁଲ୍ଲାହା ଓ୍ୱକୁଲୁକୌଲନ୍ ସଦିଦା** ଅର୍ଥାତ ହେ ବିଶ୍ୱାସକାରୀମାନେ ଅଲ୍ଲାଃଙ୍କୁ ଭୟ କର ଏବଂ ସ୍ୱଚ୍ଛ ନିସ୍କପଟ କଥା କୁହ । ପୁଣି ଆଗକୁ କହିଲେ- **ୟୁସଲେହ୍ ଲକୁମ୍ ଆମାଲକୁମ୍ ଓ୍ୱୟଗ୍‌ଫିର୍ ଲକୁମ୍ ଜୁନୁବକୁମ୍ ଓ୍ୱମଇଁ ୟୁତିଇଲ୍ଲାହା ଓ୍ୱ ରସୁଲହୁ ପକଦ୍ ଫାଜା ଫୌଜନ୍ ଅଜିମା** ଯଦି ତୁମେ ଏପରି ଅମଳ କର ତେବେ ଅଲ୍ଲାଃ ତୁମର କର୍ମକୁ ସଂଶୋଧନ କରିଦେବେ ଓ ତୁମମାନଙ୍କ ପାପକୁ କ୍ଷମାଦେବେ ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ଆଜ୍ଞା ପାଳନ କରେ ସେ ମହାନ ସଫଳତା ଲାଭ କରେ । ହଜୁର ଆ.ସ କୁହନ୍ତି ଯେତେବେଳେ ସ୍ୱାଧିନତା ନାମରେ ପରଦା କରିବାର ପ୍ରଥା ଉଠିଯାଏ ସେତେବେଳେ ସନ୍ଦେହର କୀଟ ଜନ୍ମ ନେଇଥାଏ ଏବଂ ଏପରି ପରସ୍ପରକୁ ଅବିଶ୍ୱାସ କରିବା ଯୋଗୁଁ ମିଛର ସାହାରା ନେବାକୁ ପଡ଼ିଥାଏ । ଏପରି ନିରନ୍ତର ମିଛ କହିବାର ଏକ ପକ୍ରିୟା ଆରମ୍ଭ ହୋଇଯାଇଥାଏ, ଯାହାକି କଦାପି ସମାପ୍ତ ହୋଇନଥାଏ ।

ହଜୁର ଆ.ସ କୁହନ୍ତି ତେବେ ସେ ଯାହା ହେଉ ପତୀ ପତ୍ନୀଙ୍କ ସମ୍ପର୍କରେ **ଅଲ୍ଲାଃତାଲା ଏଭଳି ସତ କହିବାର ସୀମା ନିର୍ଣ୍ଣୟ କରିଛନ୍ତି କି କୌଣସି ପ୍ରକାରର କପଟ କଥା କହିବ ନାହିଁ ବରଂ ସମ୍ପୂର୍ଣ୍ଣ ସତ କଥା କହିବାର ଅଛି ଯଦ୍ୱାରା ତୁମର ସମ୍ପର୍କ ସୁନ୍ଦର ଓ ସୁଖମୟ ହେବ ଏବଂ ତୁମ ସନ୍ତାନମାନେ ମଧ୍ୟ ଅନେକ ପ୍ରକାରର ସମସ୍ୟାରୁ ରକ୍ଷା ପାଇଯିବେ ।** ଅଲ୍ଲାଃତାଲା ତୁମ ଦୋଷ କ୍ଷମା ଦେବା ସହିତ ତୁମକୁ ବିଶେଷ ପୁରସ୍କାର ଦେଇ କୃତକାର୍ଯ୍ୟ କରିବେ । ସୁତରାଂ ଏହି ସୁନ୍ଦର ଆଦେଶର ପାଳନ କରୁ ନଥିବା ବ୍ୟକ୍ତିଠାରୁ ଦୁର୍ଭାଗ୍ୟ ଆଉ ବା କାହାର ହୋଇପାରେ ।

ସୁତରାଂ ଆମ୍ଭକୁ ନିଜ ସତ୍ୟତାର ସ୍ତରକୁ ନିରୀକ୍ଷଣ କରିବା ସହିତ ସେଥିପ୍ରତି ନଜର ରଖିବା ଉଚିତ୍ । ସାକ୍ଷୀ ଦେବା ସମ୍ବନ୍ଧରେ ଅଲ୍ଲାଃତାଲା କୁହନ୍ତି ମିଛ ସାକ୍ଷୀ ଦିଅ ନାହିଁ । ସୁତରାଂ ଅଲ୍ଲାଃଙ୍କ ଭକ୍ତଙ୍କ (ବିଶେଷ ଗୁଣ) ସମ୍ବନ୍ଧରେ ପବିତ୍ର କୋରାନରେ ଦରଜ ଅଛି **ଓଲ୍‌ଲଜିନା ଲା ୟଶ୍‌ହଦୁନଜ୍ ଜୁର** ଏବଂ ସେମାନେ ମିଥ୍ୟା ସାକ୍ଷ୍ୟ ଦିଅନ୍ତି ନାହିଁ । ହଜୁର ଆ.ସ କୁହନ୍ତି ଯଦି ଆମେ ଇଚ୍ଛା କରୁଅଛେ କି ରହେମାନ ଅଲ୍ଲାଃଙ୍କ ଭକ୍ତ ହେବା ସହିତ ବିଶ୍ୱାସରେ ଆଗକୁ ବଢିଚାଲିବା ତେବେ ଆମକୁ ମିଛ କହିବାରୁ ନିବୃତ ରହିବାକୁ ହେବ । ଆମ ସତ କହିବାର ସ୍ତର କିଭଳି ହେବା ଉଚିତ୍, ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି– ବର୍ତମାନ ମୋର ତୁମକୁ ଏହି ଉପଦେଶ ଦେବାର ଆବଶ୍ୟକତା ନାହିଁ କି ତୁମେ କାହାର ହତ୍ୟା କର ନାହିଁ । କାରଣ ଅତ୍ୟନ୍ତ ଦୁଷ୍ଟ ସ୍ୱଭାବୀ ବ୍ୟତୀତ କେହି କାହାରିକୁ ହତ୍ୟା କରିବାକୁ ପାଦ ବଢାଇ ନଥାଏ କିନ୍ତୁ ମୁଁ ତୁମକୁ କହୁଅଛି ଅନ୍ୟାୟ କଥାରେ ଜିଦି କରି ବସି ସତ୍ୟର ହତ୍ୟା କର ନାହିଁ । ସତ୍ୟକୁ ସ୍ୱୀକାର କର ଏପରିକି ଜଣେ ଶିଶୁ ସମ୍ମୁଖରେ (ନିଜ ଦୋଷ ସ୍ୱୀକାର କରିବାକୁ ପଡ଼ିଲେ) ମଧ୍ୟ ସ୍ୱୀକାର କର । ସତ୍ୟ ମଧ୍ୟରେ ଅଟକି ଯାଅ, ସତ ସାକ୍ଷୀ ଦିଅ ଯେପରିକି ଅଲ୍ଲାଃ କହିଛନ୍ତି **ଅଜ୍ ତନିବୁ ରିଜ୍‌ସା ମିନଲ୍ ଅଓ୍ୱସାନେ ଓ୍ୱଜ୍‌ତନିବୁ କୌଲଜ୍ ଜୁର୍** ଅର୍ଥାତ ତୁମେମାନେ ପିତୁଳା ପୂଜାରୁ ନିଜକୁ ରକ୍ଷା କର ଓ ମିଥ୍ୟା କହିବାରୁ ନିଜକୁ ନିବୃତ କର । କାରଣ ତାହା ପ୍ରତିମା ପୂଜାଠାରୁ କିଛି କମ୍ ନୁହେଁ । ହଜୁର ଆ.ସ କୁହନ୍ତି ଯେଉଁ ଜିନିଷ ତୁମର ଧ୍ୟାନ କିବଲା ଆଡୁ ଫେରାଇ ନେଇଥାଏ ତାହା ତୁମ ସଫଳ ହେବା ମାର୍ଗରେ ପ୍ରତିବନ୍ଧକ ରୂପକ ପ୍ରତିମା । ସତ ସାକ୍ଷୀ ଦିଅ ଏପରିକି ଯଦି ନିଜ ପିତା, ଭାଇ କିମ୍ବା ବନ୍ଧୁଙ୍କ ବିରୁଦ୍ଧରେ ଦେବାକୁ ପଡ଼େ ତେବେ ମଧ୍ୟ ଦିଅ ।

ଅଲ୍ଲାଃତାଲା କୁହନ୍ତି **ୟାଅୟୁହଲ୍ ଲଜିନା ଆମନୁ କୁନୁ କଓ୍ୱାମିନା ବିଲ୍‌କିସତି ଶୁହଦାଆ ଲିଲ୍ଲାହି ଓ୍ୱଲୌ ଆଲା ଅନ୍‌ଫୁସିକୁମ୍ ଅଓ୍ୱିଲ୍ ଓ୍ୱାଲିଦାନି ଓ୍ୱଲ୍‌ଅକରବିନ୍** ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ବିଚାରରେ ସଂପୂର୍ଣ୍ଣ ଭାବେ ସୁଦୃଢ ରହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସାକ୍ଷ୍ୟ ପ୍ରଦାନକାରୀ ହୋଇଯାଅ ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ । ସୁତରାଂ ସତ କହିବାର ଏହି ସ୍ତର ହାସଲ କର । ନିଃସନ୍ଦେହ ଏହା ନ୍ୟାୟ ରକ୍ଷାର ମଧ୍ୟ ସ୍ତର ଅଟେ କିନ୍ତୁ ଯେପର୍ଯ୍ୟନ୍ତ ସତ କୁହାଯାଇ ନାହିଁ ନ୍ୟାୟ ପ୍ରତିଷ୍ଠା ହୋଇନଥାଏ । ଅତଏବ ଜଣେ ମୋମିନ୍‌କୁ ଏହି ସ୍ତର ହାସଲ କରିବା ଉଚିତ୍ । ଅଲ୍ଲାଃତାଲା କୁହନ୍ତି ଯେପର୍ଯ୍ୟନ୍ତ (ତୁମେ) ସତ କହି ନାହଁ ନ୍ୟାୟ ପ୍ରତିଷ୍ଠା ହୋଇନଥାଏ, ଯେପରି ଅଲ୍ଲାଃ କୁହନ୍ତି– **ଲା ୟଜରିମନ୍ ନକୁମ୍ ଶନାଆନୁ କୌମିନ୍ ଅନ୍ ସଦ୍‌ଦୁକୁମ୍ ଅନିଲ୍ ମସାଜିଦିଲ୍ ହରାମା ଅନ୍‌ତାତଦୁ ଓ୍ୱ ତାଅଓ୍ୱନୁ ଅଲାଲ୍ ବିର୍‌ରି ଓ୍ୱତ୍ ତକ୍‌ଓ୍ୱା** ଅର୍ଥାତ ଶତ୍ରୁ ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ କରିବାରେ ସୀମାତିକ୍ରମ କରିବାକୁ ଉତେଜିତ ନକରୁ । ନ୍ୟାୟବନ୍ତ ହୁଅ କାରଣ ସେହିଥିରେ ଈଶ୍ୱର ଭୟ ରହିଛି । ହଜରତ ମସିହ ମଉଦ ଆ.ସ କୁହନ୍ତି– *ମୁଁ ସତ କହୁଅଛି ଶତ୍ରୁ ସହ ନମ୍ରତା ଓ ସତ୍କାର କରିବା ସହଜ ସାଧ୍ୟ କିନ୍ତୁ ଶତ୍ରୁର ଅଧିକାରର ସୁରକ୍ଷା କରିବା, ମକଦ୍ଦମାରେ ନ୍ୟାୟ ବିଚାର କରିବା ବହୁତ କଷ୍ଟ ସାଧ୍ୟ ଏବଂ ଏହା କେବଳ ବୀର ପୁରୁଷମାନଙ୍କ ଦ୍ୱାରା ସମ୍ଭବ ।* ଦେଖ ଅଲ୍ଲାଃ ଉକ୍ତ ପକ୍ତିଂରେ ପ୍ରେମ କରିବାର ଚର୍ଚ୍ଚା କରିନାହାନ୍ତି ବରଂ ତାହାର ସ୍ତର (ହାସଲ) କରିବାର ଚର୍ଚ୍ଚା କରିଛନ୍ତି । କାରଣ ଯେ ନିଜ ଶତ୍ରୁ ସହ ନ୍ୟାୟ ଆଚରଣ କରେ ସତ୍ୟ ଓ ନ୍ୟାୟର ସହ ତାହାକୁ କ୍ଷମା କରିନଥାଏ, ସେ ହିଁ ପ୍ରକୃତ ପ୍ରେମ କରିଥାଏ ।

ସୁତରାଂ ଜଣେ ମୋମିନ୍‌ର ସତ୍ୟ ରକ୍ଷାର ସ୍ତର ଏହା ଅଟେ କି ଶତ୍ରୁକୁ କ୍ଷତି ପହଂଚାଇବା ପାଇଁ ମଧ୍ୟ ମିଛ କହିବାର ନାହିଁ । ଯେତେବେଳେ ଶତ୍ରୁ ସହ ଏଭଳି ଆଚରଣ କରିବାର ନିର୍ଦ୍ଦେଶ ରହିଛି ତେବେ ପାରସ୍ପରିକ ସମ୍ପର୍କରେ ସତ୍ୟର ଏହି ସ୍ତର ହାସଲ କଲେ କିଭଳି ପ୍ରେମ ଓ ନିବିଡ଼ତାର ଡ଼ୋରି ମଜବୁତ ହେବ । ପ୍ରେମ ଓ ଭଲପାଇବାରେ ମିଛ ଓ ଛଳନା ନଥାଏ । ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କୁ କୌଲେ ସଦିଦ୍ (ନିଃଛନ୍ଦ, ସ୍ୱଚ୍ଛ) ସତ କଥା କହିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ହଜୁର ଆ.ସ କୁହନ୍ତି– ଆଉ ଏକ ଗୁରୁତ୍ୱ ପୂର୍ଣ୍ଣ ଉତମ କର୍ମ ଯାହାକି ମୋମିନ୍ ସ୍ୱଭାବରେ ରହିବା ଉଚିତ୍ ଓ ଯାହା କି ଅଲ୍ଲାଃତାଲାଙ୍କ ନିକଟବର୍ତୀ କରିଥାଏ, ତାହା ନମ୍ର ଆଚରଣ ଓ ଗର୍ବକୁ ପରିତ୍ୟାଗ କରିବା ଅଟେ । ଗର୍ବ କରୁଥିବା ଲୋକଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା କୁହନ୍ତି– **ଓଲା ତୁସୈୟୀର୍ ଖଦ୍‌ଦକା ଲିନ୍‌ନାସି ଓଲା ତମ୍‌ସି ଫିଲ୍ ଅର୍‌ଜି ମରାହା ଇନ୍ନଲ୍‌ଲାହା ଲାୟୁହିବ୍‌ବୁ କୁଲ୍ଲି ମୁଖ୍‌ତାଲିନ୍ ଫଖୁର୍** ଏବଂ ଲୋକମାନଙ୍କ ଆଗରେ ନିଜ ଗାଲ ଫୁଲାଅ ନାହିଁ ଏବଂ ଭୂପୃଷ୍ଠରେ ଗର୍ବର ସହିତ ଚାଲ ନାହିଁ ଏବଂ ବାସ୍ତବରେ ଅଲ୍ଲାଃ କୌଣସି ଆତ୍ମାଭିମାନୀ ଓ ଗର୍ବୀକୁ ପସନ୍ଦ କରନ୍ତି ନାହିଁ । ହଜରତ ମସିହ ଆ.ସ କୁହନ୍ତି ମନେରଖ ଗର୍ବ ଓ ଅହଂକାର ସଇତାନ ତରଫରୁ ଆସିଥାଏ ଏବଂ  ମଣିଷକୁ ସଇତାନ କରିଦିଏ । କୌଣସି ପ୍ରକାରର ଗର୍ବ କରିବା ଉଚିତ୍ ନୁହେଁ । ନା ନିଜର ଉଚ୍ଚ ଶିକ୍ଷିତ ହେବାକୁ ନେଇ, ନା ଧନ ସମ୍ପତିକୁ ନେଇ କାରଣ ଅଧିକାଂଶ ଲୋକେ ଏସବୁକୁ ନେଇ ଗର୍ବ କରିଥାନ୍ତି । ଯେପର୍ଯ୍ୟନ୍ତ ଜଣେ ଗର୍ବ ଅହଂକାରରୁ ନିଜକୁ ପବିତ୍ର କରି ନାହିଁ ସେପର୍ଯ୍ୟନ୍ତ ସେ ଅଲ୍ଲାଃଙ୍କ ନିକଟରେ ଗ୍ରହଣୀୟ ନୁହେଁ । ଦେଖ ସଇତାନ ମଧ୍ୟ ଗର୍ବ କରିଥିଲା ଏବଂ ଆଦମ ଠାରୁ ନିଜକୁ ଉତମ ମଣୁଥିଲା ଏବଂ କହିଲା **ଆନା ଖୈରୁକୁମ୍ ମିନ୍‌ହୁ ଖଲକ୍‌ତନି ମିନ୍ ନାରିଉଁ ଓ୍ୱ ଖଲକ୍‌ତହୁ ମିନ୍ ତିନ୍** ତାହାର ପରିଣାମ ଦେଖ କ'ଣ ହେଲା ସେ ଅଲ୍ଲାଃଙ୍କ ନିକଟରୁ ତିରସ୍କୃତ ଓ ବହିସ୍କୃତ ହେଲା । କିନ୍ତୁ ଆଦମ ନିଜ ଦୁର୍ବଳତା ଓ ଦୋଷ ସ୍ୱୀକାର କରିବା ଯୋଗୁଁ ଅଲ୍ଲାଃଙ୍କ କୃପାର ଅଧିକାରୀ ହେଲେ । ସେ ଜାଣିଥିଲେ ଯେ ଅଲ୍ଲାଃଙ୍କ କୃପା ବ୍ୟତୀତ କିଛି ସମ୍ଭବ ନୁହେଁ ତେଣୁ ଦୁଆ କଲେ **ରବ୍‌ବନା ଜଲମ୍‌ନା ଅନ୍‌ଫୁସନା ଓ୍ୱଇଲ୍ ଲମ୍ ତଗ୍‌ଫିର୍ ଲନା ଓ୍ୱତର୍‌ହମନା ଲନକୁନନ୍ନା ମିନଲ୍ ଖାସିରିନ୍** ହଜରତ ମସିହ ମଉଦ ଆ.ସ ଜମାଅତର ସଦସ୍ୟମାନଙ୍କୁ ଉପଦେଶ ପୂର୍ବକ କୁହନ୍ତି– ଏହି ଦୁଆ ନିୟମିତ ପାଠ କରିବା ଉଚିତ୍ । ଆଜିକାଲି ଆମେ ରମଜାନର ଅନ୍ତିମ ପର୍ଯ୍ୟାୟରେ ଅତିବାହିତ ହେଉଅଛେ । ଏହି ଦିନଦୁଡ଼ିକରେ ନର୍କର ଅଗ୍ନୀରୁ ରକ୍ଷା ପାଇବା ଓ ଅଲ୍ଲାଃ ଦୟା ଲାଭ କରିବା ନିମନ୍ତେ ବହୁତ ଦୁଆ କରିବା ଉଚିତ୍ ।

ହଜୁର ଆ.ସ କୁହନ୍ତି– ପ୍ରକୃତ ମାରୁଫତ୍ (ଦୂରଦ୍ରଷ୍ଟା) ସେ ଯେ ନିଜ ଅସ୍ତିତ୍ୱକୁ ତୁଚ୍ଛ ଓ ହେୟ ମଣି ଅଲ୍ଲାଃଙ୍କ ଶରଣରେ ନମ୍ରତାର ସହିତ ତାଙ୍କ କୃପା ଓ ଦିବ୍ୟାଲୋକ ଭିକ୍ଷା କରିବା ଯାହାକି ମଣିଷର କାମନାକୁ ଭସ୍ମ କରିଦେଇଥାଏ । ମଣିଷ ଭିତରେ ଏକ ଆଲୋକ ଓ ସତ୍‌କର୍ମ ସମ୍ପାଦନ କରିବା ନିମନ୍ତେ ଶକ୍ତି ଓ ଉଷ୍ମତା ସୃଷ୍ଟି କରିଥାଏ । ହଜରତ ମସିହ ମଉଦ ଆ.ସ କୁହନ୍ତି– ପ୍ରକୃତରେ କହିବାକୁ ଗଲେ ମଣିଷର କାମନା, ମନ୍ଦ ଉତେଜନା ତଥା ମନ୍ଦ ଆଚରଣ ଗର୍ବ ଆଦି ରୂପରେ ପ୍ରକାଶ ପାଇଥାଏ । ସେସବୁ ସେପର୍ଯ୍ୟନ୍ତ ଭସ୍ମ ହୋଇନଥାଏ ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ କୃପା ହାସଲ ହୋଇନଥାଏ । ଏଥିପାଇଁ ଯେତେବେଳେ ହଜରତ ମହମ୍ମଦ ସ.ଆଙ୍କୁ ପଚରାଗଲା କି କ'ଣ ଆମେ ନିଜ ଅମଲ ଦ୍ୱାରା ବୈକୁଣ୍ଠ ପ୍ରାପ୍ତ କରିପାରିବୁ ? ସେତେବେଳେ ଆପଣ କହିଲେ କଦାପି ନୁହେଁ ବରଂ ଅଲ୍ଲାଃଙ୍କ କୃପା ବଳରେ । ଆପଣ କୁହନ୍ତି ଅବତାରମାନେ କଦାପି କୌଣସି ଶକ୍ତି ଓ ସାମର୍ଥ୍ୟକୁ ନିଜର କହିନଥାନ୍ତି । ସେମାନେ ସବୁକିଛି ଅଲ୍ଲାଃଙ୍କ ଠାରୁ ପ୍ରାପ୍ତ କରିଥାନ୍ତି ଏବଂ ତାଙ୍କରି ନାମ ନେଇଥାନ୍ତି । ହଜୁର ଅନଓର ଅ.ବ କହିଲେ ସୁତରାଂ ଅବତାର ଯେ ଅଲ୍ଲାଃଙ୍କ ବିଶେଷ ଭକ୍ତ ଅଟନ୍ତି । ଯେତେବେଳେ ସେମାନଙ୍କ ଅବସ୍ଥା ଏପରି ଅଟେ ତେବେ ଜଣେ ସାଧାରଣ ମଣିଷ କିଭଳି ନମ୍ରତା ପ୍ରଦର୍ଶନ କରିବା ଉଚିତ୍ ଏବଂ କିଭଳି ଅଲ୍ଲାଃଙ୍କ କୃପାର କୃତଜ୍ଞତା ଜ୍ଞାପନ କରିବା ସହିତ ତାଙ୍କ ନିକଟରେ ନତମସ୍ତକ ହୋଇଚାଲିଯିବା ଉଚିତ୍ ।

ଅଲ୍ଲାଃତାଲା ଆମ୍ଭକୁ ହଜରତ ମହମ୍ମଦ ସ.ଆଙ୍କ ସୁନ୍ନତ ଓ ଆପଣଙ୍କ ଦର୍ଶାଇଥିବା ମାର୍ଗ ଆପଣାଇ ସମସ୍ତ ପ୍ରକାରର ଅପକର୍ମରୁ ନିବୃତ ରହି ସମସ୍ତ ପ୍ରକାରର ଉତମ ଆଚରଣକୁ ଆପଣାଇବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମ୍ଭ ସତ୍ ବଚନର ସ୍ତର ଅଲ୍ଲାଃଙ୍କ ନିକଟବର୍ତୀ ହେବାରେ ସହାୟ ହେବା ସହିତ ଆମ ନମ୍ରତାର ସ୍ତର  ଆଲ୍ଲାଃଙ୍କୁ ପସନ୍ଦ ଆସୁ । ଆମେ ହଜରତ ମସିହ ମଉଦ ଆ.ସଙ୍କ ଜମାଅତର ଏଭଳି ସଦସ୍ୟ ହେବାର ଶକ୍ତି ପ୍ରଦାନ କରନ୍ତୁ ଯେଭଳି ହଜୁର ଆମକୁ ଦେଖିବାକୁ ଚାହୁଁଥିଲେ ।

## ନିକାହ୍ ନିମନ୍ତେ ୱଲି (ଅଭିଭାବକ)ଙ୍କ ଅନୁମତି ଜରୁରୀ ଅଟେ ।

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ନିଜର ଖୁତ୍‌ବା ଯୁମା ତା-୮ ଏପ୍ରିଲ୍ ୨୦୧୬ ରେ କହୁଛନ୍ତି:-

"ବିଭାଘର ନିମନ୍ତେ ଯଦିଚ ଝିଅଙ୍କ ସମ୍ମତି ହେବା ଉଚିତ୍, ଯେପରି ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କ ପସନ୍ଦକୁ ମଧ କାଏମ୍ ରଖିଛନ୍ତି କି ଝିଅର ଇଛା/ସମ୍ମତି ସାମିଲ୍ ହେବା ଆବଶ୍ୟକ । କିନ୍ତୁ ଇସ୍‌ଲାମ୍ ଏହା ମଧ ପ୍ରତିବନ୍ଧ ଲଗାଇଛି ଯେ ୱଲିଙ୍କ (ଅଭିଭାବକ) ବିନା ଅନୁମତିରେ ନିକାହ୍ (ବିବାହ) ଅନୁଚିତ୍ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ:-

"ଅଲ୍ଲାଃତାଲା ମସିହ୍ ମଉଦ୍ ଆ:ସ ଙ୍କୁ ପ୍ରେରଣ କଲେ ଓ ବାସ୍ତବିକ ଆପଣ ଆ:ସ ତାଙ୍କ ତରଫରୁ ଆସିଛନ୍ତି । ତେବେ ଆମ ଶରିୟତ୍ ଏହା କହେ (ଅର୍ଥାତ୍- ଇସ୍‌ଲାମ୍‌ର ଶରିୟତ୍ ଏହା କହେ) ଯେ ୱଲିଙ୍କ ବିନା ଅନୁମତିରେ କୌଣସି ନିକାହ୍ (ବିଭାଘର) ଉଚିତ୍ ନୁହେଁ । କେବଳ କୌଣସି ଏପରି ଅବସ୍ଥାରେ ଯାହାର ଅନୁମତି ଶରିୟତ୍ ନିଜେ ଦେଇଥିବ, ଏତତ୍ ବ୍ୟତୀତ ନୁହେଁ । ଯଦି ହେବ ତାହା ଅନୁଚିତ୍ ହେବ ଓ ଅଧାବିଧା ହେବ । ତେଣୁ ଆମର କର୍ତବ୍ୟ ଏହା ଅଟେ ଯେ ଆମେ ଏପରି ଲୋକଙ୍କୁ ବୁଝାଇବା ଯଦି ସେମାନେ ନବୁଝନ୍ତି ତେବେ ତାଙ୍କଠାରୁ ସମ୍ପର୍କ ଛିନ୍ନ କରିଦିଅ ।

ଏ ପ୍ରକାରର ଘଟଣା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରେ ମଧ କେବେ କେବେ ହୋଇଛି । ସୁତରାଂ ଜଣେ ଯବାନ୍ ଝିଅ ଜଣକୁ ବିଭାହେବା ପାଇଁ ଇଛା କଲେ କିନ୍ତୁ ତାଙ୍କ ବାପା ମନା କଲେ । ସେ ଦୁଇଜଣଯାକ ନଙ୍ଗଲ୍ (କାଦିଆନର ନିକଟବର୍ତୀ ସ୍ଥାନ) ଚାଲିଗଲେ ଏବଂ ସେଠାରେ ଜଣେ ମୁଲ୍ଲାଙ୍କ ପାଖରେ ନିକାହ ପଢ଼ାଇ ନେଲେ ଏବଂ କହି ଚାଲିଲେ ଯେ ତାଙ୍କର ବିଭାଘର ହୋଇଯାଇଛି ବୋଲି । ପୁଣି କାଦିଆନ୍ ଫେରି ଆସିଲେ । ଯେତେବେଳେ ଏହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ଜଣାପଡ଼ିଲା, ଆପଣ ସ:ଆ:ସ ସେ ଦୁଇଜଣଙ୍କୁ କାଦିଆନ୍‌ରୁ ବିତାଡ଼ିତ କରିଦେଲେ ଓ କହିଲେ ଯେ ଏହା ଶରିୟତ୍ ବିରୋଧି କାର୍ଯ୍ୟ ଅଟେ । କେବଳ ଝିଅର ସମ୍ମତିକୁ ଦେଖି ୱଲିଙ୍କ ବିନା ଅନୁମତିରେ ନିକାହ୍ କରିଛନ୍ତି । ସେଠି ମଧ ଝିଅ ରାଜିଥିଲା ଏବଂ କହୁଥିଲା ମୁଁ ଏହି ପୁରୁଷକୁ ବିବାହ କରିବି କିନ୍ତୁ ସେ ୱିଲିଙ୍କ ବିନା ଅନୁମତିରେ ନିକାହ ପଢ଼ାଇଲେ । ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କୁ କାଦିଆନ୍‌ରୁ ବାହାର କରିଦେଲେ । ସେହିପରି (ସେଠି ସେ ଯୁଗରେ ଏପରି ଏକ ନିକାହ ହଜ୍‌ରତ୍ ମୁସ୍‌ଲେହ ମଉଦଙ୍କ ସମ୍ମୁଖରେ ମଧ୍ୟ ହୋଇଥିଲା । ଆପଣ ର:ଅ କହୁଛନ୍ତି ଯେ) ଏ ନିକାହ ମଧ୍ୟ ଅନୁଚିତ୍/ଅବୈଧ ଓ ଏହି କଥା ମୁଁ ଏ ସ୍ତ୍ରୀ ଲୋକ (ପୁଅର ମା)ଙ୍କୁ କହିଛି । ଜଣେ ସ୍ତ୍ରୀ ଲୋକ ଆସିଥିଲେ ଓ କହିଲେ ଯେ ଯେହେତୁ ଝିଅ ରାଜିଥିଲା ତେଣୁ ମୋ ପୁଅ ନିକାହ୍ କରିଲା ସେଠୁ କଣ ହୋଇଗଲା) ଆପଣ ର:ଅ କହିଲେ, ମୁଁ ତାଙ୍କୁ କହିଲି ଦେଖ ତୁମ ପୁଅକୁ ବନ୍ଧୁ ମିଳୁଛି ତେଣୁ ତୁମେ କହୁଛ ଯେ ଯଦି ଝିଅ ରାଜିଅଛି ତେବେ କୌଣସି ୱିଲିଙ୍କ ଅନୁମତି ନେବା ଦରକାର ନାହିଁ । କିନ୍ତୁ ତୁମର ମଧ ଝିଅ ଅଛନ୍ତି । ଯଦି ସେମାନେ ବିବାହିତା ତେବେ ତାଙ୍କର ମଧ୍ୟ ଝିଅ ଥିବେ । ତେବେ ତୁମେ କଣ ଏହା ପସନ୍ଦ କରିବ ଯେ ସେମାନଙ୍କ ମଧରୁ କୌଣସି ଝିଅ ଏହିପରି ଘରୁ ବାହାରି ଯାଇ କୌଣସି ଅଚିହ୍ନା ପୁରୁଷ ସହିତ ଚାଲିଯାଉ" ।

**(ଉଦ୍ଧୃତ-ଖୁତ୍‌ବାତେ ମହ୍‌ମୁଦ୍ ଖଣ୍ଡ-୧୮, ପୃଷ୍ଠା-୧୭୫-୧୭୬)**

ସୁତରାଂ ଯେପରି ମୁଁ ପ୍ରଥମେ କହିସାରିଛି ଯେ ନା ତ ମା ବାପାଙ୍କୁ ଏପରି କଠୋର ହେବା ଉଚିତ୍ ଯେ ସେମାନେ ବିନା କୌଣସି କାରଣରେ ଓ ମିଛ ଆତ୍ମ ବଡ଼ିମା ନାମରେ ବନ୍ଧୁ ନ କରନ୍ତୁ ଓ ହତ୍ୟା ପରି ଜଘନ୍ୟ କାର୍ଯ୍ୟ କରିବାକୁ ନ ପଛାନ୍ତୁ । ଏବଂ ନା ହିଁ ଝିଅମାନଙ୍କୁ ଇସ୍‌ଲାମ୍ ଅନୁମତି ଦେଇଛି ଯେ ସେମାନେ ନିଜେ ଘରୁ ବାହାରି ଯାଇ ଅଦାଲତରେ ବା କୌଣସି ମୌଲବୀଙ୍କ ପାଖରେ ବିଭା ହୋଇଯାଆନ୍ତୁ ବା ନିକାହ ପଢ଼ାଇନିଅନ୍ତୁ । ଯଦି କିଛି ମଜ୍‌ବୁରି (ବିବଶତା) ଅଛି ତେବେ ଝିଅମାନେ ମଧ୍ୟ ଖଲିଫାଙ୍କୁ ଲେଖିପାରିବେ, ଖଲିଫା ଅବସ୍ଥାର ଅନୁଧ୍ୟାନ କରି ଯାହା ଉଚିତ୍ ଫଏସଲା କରିବେ (ତା ଉପରେ ଅମଲ ହେବ) ତେଣୁ ଝିଅମାନେ ଯଦି ଦୀନ୍ (ଧର୍ମ) କୁ ଦୁନିଆ (ସଂସାଂର) ଉପରେ ପ୍ରାଥମିକତା ଦେବେ ଏବଂ ପୁଅମାନେ ମଧ୍ୟ ଏହା ଆଖି ଆଗରେ ରଖିବେ ତେବେ ଅଲ୍ଲାଃତାଲା ମଧ୍ୟ କୃପା କରିବେ" ।

**(ଅଖ୍‌ବାର୍ ବଦର ୨୮, ଏପ୍ରିଲ୍ ୨୦୧୬, ପୃଷ୍ଠା-୫)**

⌘⌘⌘⌘⌘⌘⌘⌘⌘⌘

## ଯମାତର ଖିଦ୍‌ମତ୍ (ସେବା) କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍‌ର କେତେଗୁଡିଏ ଦଫତର୍‌ରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆବଶ୍ୟକ ଅଛି । ଯେଉଁ ବନ୍ଧୁମାନେ ସଦର ଅଞ୍ଜୁମାନ୍ ଅହେମଦୀୟାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ଖିଦ୍‌ମତ୍ କରିବା ପାଇଁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ ।

(୧) ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ଶିକ୍ଷାର କୌଣସି ସର୍ତ ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ । ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଜରୁରୀ ଅଟେ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ପାଇଁ ଚୟନ କରାଯିବ ଯେଉଁମାନେ କର୍ମଚାରୀ ନିଯୁକ୍ତ ବୋର୍ଡ଼ ଦ୍ୱାରା ଇଂଟର୍‌ଭିଉରେ କୃତକାର୍ଯ୍ୟ ହେବେ ।

(୪) ସେହି ପ୍ରାର୍ଥୀ ଖିଦ୍‌ମତ୍ କରିବା ପାଇଁ ଚୟନ ହେବେ ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡ଼ିକାଲ୍ ବୋର୍ଡ଼ ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ନିରୋଗୀ ହୋଇଥିବେ ।

(୫) କାଦିଆନ୍ ଯିବା ଆସିବାର ରାସ୍ତା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀଙ୍କ ଚୟନ ହୁଏ ଏହି ପରିସ୍ଥିତିରେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ସମ୍ପୃକ୍ତ ଦରଖାସ୍ତ ଫର୍ମ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟାଙ୍କ ଠାରୁ ପ୍ରାପ୍ତ କରିପାରିବେ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ଆସିବ ତା ଉପରେ ଚିନ୍ତା କରାଯିବ)

(ନାଜର୍ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍)

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରିପାରିବେ:-**

ଦଫ୍‌ତର୍ : ୦୧୮୭୨-୫୦୧୧୩୦

ମୋବାଇଲ୍ : ୦୯୮୧୫୪୩୩୭୬୦

e-mail : nazaratdiwanqdn@gmail.com

**b b b b b b b b b b b b**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ଜାମିଆ ଅହେମଦୀୟା କାଦିଆନ୍‌ରେ ନାମଲେଖା

ଜାମିଆ ଅହେମଦୀୟା କାଦିଆନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ସେହି ପବିତ୍ର ସଂସ୍ଥା ଅଟେ ଯେଉଁଥିରୁ ଏପର୍ଯ୍ୟନ୍ତ ଶହ ଶହ ଓ୍ୱଲେମା ଓ ମୋବଲିଗିନେକରାମ୍ ବିଦ୍ୟା ଅର୍ଜନ କରି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବାର ଦାୟିତ୍ୱ ବହନ କରିଚାଲିଛନ୍ତି । ସୟଦ୍‌ନା ହଜୁର ଅନୁଓ୍ୱର୍ ଅ:ବ:ଅ ଅନେକ ସମୟରେ ଅହେମଦୀ ଶିକ୍ଷାର୍ଥୀଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧର୍ମୀୟ ସଂସ୍ଥାରେ ଶିକ୍ଷା ଗ୍ରହଣ କରି ସିଲ୍‌ସିଲାର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ସୁତରାଂ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ନିର୍ଦ୍ଦେଶାନୁସାରେ ଅଧିକରୁ ଅଧିକ ଓ୍ୱାକିଫିନେ ନୌ ଏବଂ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଜାମିଆ ଅହେମଦୀୟାରେ ନାମଲେଖାଇ ଧର୍ମୀୟ ଶିକ୍ଷା ହାସଲ କରି ସିଲ୍‌ସିଲ୍‌ାର ଖିଦ୍‌ମତ୍ ପାଇଁ ନିଜକୁ ପେସ୍ କରିବା ଉଚିତ୍ । ତେଣୁ ସେହି ଶିକ୍ଷାର୍ଥୀମାନେ ଯିଏ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଚାହୁଁଛନ୍ତି ସେମାନେ ଓ୍ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) ବିଭାଗ ସହିତ ସମ୍ପର୍କ କରନ୍ତୁ । ଏବଂ ଯଥା ଶିଘ୍ର ଜାମିଆ ଅହେମଦୀୟାର ନାମ ଲେଖା ଫର୍ମ୍ ପୁରଣ କରି ଓ୍ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) କାର୍ଯ୍ୟାଳୟକୁ ପଠାନ୍ତୁ । ସୟଦ୍‌ନା ହଜୁର୍ ଅନୁଓ୍ୱର୍‌ଙ୍କ ମଞ୍ଜୁରୀରେ ଏହି ବର୍ଷର ଜାମଆ ଅହେମଦୀୟାରେ ନାମ ଲେଖାର କାର୍ଯ୍ୟକ୍ରମ ଅପ୍ରେଲ୍ ମାସଠାରୁ ଆରମ୍ଭ ହେଉଅଛି । ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀ ମେଟ୍ରିକ୍ ଏବଂ +୨ ର ପରୀକ୍ଷା ଶେଷ କରି ଫଳ ବାହାରିବା ପୂର୍ବରୁ ମଧ୍ୟ ଅପ୍ରେଲ, ମଇ, ଜୁନ୍ ଓ ଜୁଲାଇ ମାସରେ କାଦିଆନ୍ ଆସି ଜାମିଆ ଅହେମଦୀୟାର ପ୍ରବେଶ ପରୀକ୍ଷା ଦେଇପାରିବେ । ମାଟ୍ରିକ୍ ଏବଂ +୨ ଫଳ ବାହାରିବା ପରେ ମାର୍କସିଟ୍ ଦାଖଲ କରିପାରିବେ । ନାମଲେଖା ପାଇଁ ସର୍ତାବଳୀ ନିମ୍ନରେ ଦିଆଗଲା–

**(୧)** ମେଟ୍ରିକ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ୧୯ ବର୍ଷ ଅଟେ । ବୟସ ସୀମାରେ ହୁଫାଜ୍ (ଯେଉଁମାନେ କୋରାନ୍ ହିଫଜ୍ କରିଥିବେ) କରାମ୍‌ଙ୍କ ନିମନ୍ତେ କୋହଳ ହୋଇପାରିବ ।

**(୨)** ଜାମିଆ ଅହେମଦୀୟାରେ ନାମ ଲେଖା ପାଇଁ ନ୍ୟାସିନ୍ୟାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତ ଶିକ୍ଷାର୍ଥୀଙ୍କର ଇଂଟରଭ୍ୟୁ ଓ ଲିଖିତ ପରୀକ୍ଷା ନେବେ ଏବଂ ଜାମିଆ ଅହେମଦୀୟା ପାଇଁ ଚୟନ କରିବେ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସ୍‌ଲାମୀୟ ଅହେମଦୀୟତ୍, ଦୀନୀ ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ଜେନେରାଲ୍ ନଲେଜ୍ ସମ୍ପର୍କୀୟ ପ୍ରଶ୍ନମାନ ହେବ ।

**(୩)** ଲିଖିତ ପରୀକ୍ଷା ଓ ଇଂଟରଭ୍ୟୁରେ ସଫଳ ହୋଇଥିବା ଶିକ୍ଷାର୍ଥୀଙ୍କର ନୁର୍ ହସ୍‌ପିଟାଲ୍ କାଦିଆନ୍‌ରେ ମେଡିକାଲ୍ ଟେଷ୍ଟ୍ କରାଯିବ । ଲିଖିତ ପରୀକ୍ଷା, ଇଂଟରଭ୍ୟୁ ଓ ମେଡିକାଲ୍ ଟେଷ୍ଟରେ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ସୟଦ୍‌ନା ହଜୁର୍ ଅନୁଓ୍ୱର୍‌ଙ୍କ ମଞ୍ଜୁରୀ ଦ୍ୱାରା ଜାମିଆ ଅହେମଦୀୟାରେ ନାମ ଲେଖାଇ ଦିଆଯିବ ।

**(୪)** ଗ୍ରାଜୁଏସନ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାପାଇଁ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମିର୍ ସାହେବ୍, ଅମିର୍ ଜମାତ୍, ସଦର୍ ଜମାତ୍, ମୋବୋଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌କରାମ୍ ଙ୍କୁ ଅନୁରୋଧ କରାଯାଉଛି ଯେ ସିଲ୍‌ସିଲାର ସେବା କରିବା ପାଇଁ ଇଚ୍ଛୁକ ଓ ପୁଣ୍ୟ ପ୍ରତି ଢ଼ଳୁଥିବା ଶିକ୍ଷାର୍ଥୀମାନଙ୍କୁ ଚୟନ କରି ସେମାନଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି କରାନ୍ତୁ ଏବଂ ଯଥାଶିଘ୍ର ଏପରି ଶିକ୍ଷାର୍ଥୀଙ୍କ ନାମ ଲେଖା ଫର୍ମ୍ ପୁରଣ କରାଇ ଓ୍ୱକ୍‌ଫେ ନୌ ଭାରତ କାର୍ଯ୍ୟାଳୟକୁ ପଠାନ୍ତୁ ।

**ନାମଲେଖା ଫର୍ମ ଇମେଲ୍ ଦ୍ୱାରା ମଗାଇବା ପାଇଁ ଠିକଣା**

qdnwaqfenau@gmail.com
Incharge Waqf-e-Nau Department
Office Waqf-e-Nau India (Nazarat Taleem)
M.T.A Building, Civil Line, Qadian
Dist-Gurdaspur, Punjab, India (PIN-143516)
Contact :- 01872-500975, 9988991775

(ନାଜର୍ ତାଲିମ୍ ଏବଂ ସଦର୍ ନ୍ୟାସ୍‌ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତ)

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)
(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା–୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)
Web.www.alislam.org
www.ahmadiyyamuslimjamaat.in

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ଏହି ଅନୁସନ୍ଧାନ ଥିଲା ଯେ କେଉଁଠି ଶାନ୍ତିପ୍ରିୟ ମୁସଲ୍‌ମାନ୍ ମିଳିବେ । ଆଜି ଆପଣମାନେ ମୋର ଏହି ଇଚ୍ଛାକୁ ପୁରା କରିଛନ୍ତି । ମୁଁ ନିଜକୁ ବଡ଼ ଭାଗ୍ୟବାନ ମଣୁଛି ଯେ ଆଜି ମତେ ସେହି ଲୋକ ମିଳିଗଲେ ଯାହାର ଅନୁସନ୍ଧାନ ମତେ ସାରା ଜୀବନ ଥିଲା ।

❍ଜଣେ କ୍ୟାଥୋଲିକ୍ ମହିଳା କହିଲେ- ହଜୁର୍‌ଙ୍କ ଚେହେରା ସବୁବେଳେ ହସହସ ଓ ମୁଖରୁ ପ୍ରେମ ଝଟକୁଛି । ମତେ ଖଲିଫାଙ୍କ ଚେହେରାରେ ଖୁଦା ଦିଶୁଛନ୍ତି ।

❍ଇଟାଲୀରୁ ଆସିଥିବା ଜଣେ ଝିଅ ନିଜର ସାଙ୍ଗ ସହିତ ଏଠାରେ ସାମିଲ୍ ଥିଲେ । ସେ କହିଲେ ଯେ "ମୋ ସାଙ୍ଗ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହେବାପାଇଁ ଡ଼ରୁଥିଲା । କାରଣ ଇସ୍‌ଲାମ୍ ସମ୍ବନ୍ଧରେ ନକରାତ୍ମକ ଚିନ୍ତାଧାରା ଥିଲା । କିନ୍ତୁ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇ ହଜୁର୍‌ଙ୍କ ଭାଷଣ ଶୁଣିବା ପରେ ତାର ଇସ୍‌ଲାମ୍ ସମ୍ବନ୍ଧରେ ଚିନ୍ତାଧାରା ସମ୍ପୂର୍ଣ୍ଣ ବଦଳି ଗଲା । ଏପରିକି ସେ ସଙ୍ଗେ ସଙ୍ଗେ ମୋବାଇଲ୍ ମାଧ୍ୟମରେ ତାଙ୍କର ଜଣେ ମୁସଲ୍‌ମାନ ସାଙ୍ଗକୁ ମେସେଜ୍ କରି ଜଣାଇଲା ଯେ ଆଜି ମୋତେ ଜଣାପଡ଼ିଲା କି ତୁମର ଧର୍ମ କେତେ ସୁନ୍ଦର ।

❍ଗୋଟିଏ ଲେବାନନ୍ ପରିବାର ନିଜର ଭାବ ବ୍ୟକ୍ତ କରି କହିଲେ କି ଖଲିଫତୁଲ୍ ମସିହ୍‌ଙ୍କ ଗୋଟିଏ ଗୋଟିଏ ଶବ୍ଦ ସତ୍ୟ ଉପରେ ଆଧାରିତ ଓ ସମୟସାପେକ୍ଷ ଥିଲା । ଆମକୁ ଏଠାରେ ସାମିଲ୍ ହୋଇ ବହୁତ ଖୁସି ଅନୁଭବ ହେଉଛି ।

❍ଜଣେ ଶିକ୍ଷାର୍ଥୀ କହିଲେ-ଖଲିଫତୁଲ୍ ମସିହ୍‌ଙ୍କ ଭାଷଣ ମୋ ହୃଦୟକୁ ବହୁତ ପ୍ରଭାବିତ କରିଛି । ମୋର ବହୁତ ମୁସଲ୍‌ମାନ୍ ସାଙ୍ଗ ଅଛନ୍ତି । କିନ୍ତୁ ମୁଁ ଆଜି ଇସ୍‌ଲାମ୍ ଓ ତା ଶିକ୍ଷାର ସମ୍ପୂର୍ଣ୍ଣ ଭିନ୍ନ ରଙ୍ଗ ଦେଇ ଯାଉଛି ।

❍ଜଣେ ଅତିଥି କହିଲେ-ହଜୁର୍ ଅନୁଓ୍ୱରଙ୍କ ବ୍ୟକ୍ତିତ୍ୱ ଓ ଭାଷଣ ବହୁତ ପ୍ରଭାବିତ କରିଛି । ମତେ ଏହା ବହୁତ ଖୁସି ଲାଗିଲା ଯେ ହଜୁର୍ ଅନୁଓ୍ୱର୍ ଅନ୍ୟ ବକ୍ତାଙ୍କ ଭାଷଣରୁ ନୋଟ୍ ଦେଇ ନିଜର ଭାବନା ବ୍ୟକ୍ତ କଲେ କିନ୍ତୁ Pope ସାହେବ୍ ଏପରି କରନ୍ତି ନାହିଁ ।

❍ଚର୍ଚ୍ଚର ଜଣେ ମହିଳା ପ୍ରତିନିଧି ହଜୁର ଅନୁଓ୍ୱର୍‌ଙ୍କ ଭାଷଣ ପରେ ବାରମ୍ବାର ହଜୁର୍ ଅନୁଓ୍ୱରଙ୍କ ଆଡ଼କୁ ଇଙ୍ଗିତ କରି କହୁଥିଲେ ଯେ ଖଲିଫତୁଲ୍ ମସିହ୍‌ଙ୍କ ଚେହେରାରୁ ଆଧ୍ୟାତ୍ମିକତା ସ୍ୱଷ୍ଟ ହେଉଅଛି । ଖଲିଫତୁଲ୍ ମସିହ୍‌ଙ୍କ ବକ୍ତବ୍ୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ।

❍ବୋସ୍‌ନିଆ ସମ୍ପର୍କୀୟ ତିନିଜଣ ପାଠୁଆ ସ୍ତ୍ରୀଲୋକ ଆଜିର ଉତ୍ସବରେ ସାମିଲ୍ ହୋଇଥିଲେ । ନିଜର ଭାବ ବ୍ୟକ୍ତ କରି କହିଲେ ଯେ ଆଜିର ପ୍ରୋଗ୍ରାମ୍ ବର୍ତମାନର କଠିନ ପରିସ୍ଥିତିରେ ଶାନ୍ତିପ୍ରତିଷ୍ଠା ପାଇଁ ଗୋଟିଏ ଆଶାର ଦୀପ ସଦୃଶ ଅଟେ । ଖଲିଫାଙ୍କ ବକ୍ତବ୍ୟ ବୈଭବଶାଳୀ ଥିଲା ଯେଉଁଥିରେ ଆପଣ ପ୍ରେମ, ଭାଇଚାରା ଓ ପଡ଼ୋଶୀଙ୍କ ସହିତ ଉତମ ବ୍ୟବହାର ଓ ତାଙ୍କର ଅଧିକାରକୁ ପ୍ରଦାନ କରିବା ପାଇଁ ତାଗିଦ୍ କରିଛନ୍ତି ଆମର ଅହେମଦୀ ପଡ଼ୋଶୀମାନଙ୍କ ସହିତ ବହୁତ ଭଲ ସମ୍ପର୍କ ଅଛି । ସ୍ଥାନୀୟ ଯମାତ୍‌ର ସଂଖ୍ୟା କମ୍ ହେଲେ ସୁଧା ଏହି ପ୍ରୋଗ୍ରାମ୍‌ର ଆୟୋଜନ ବହୁତ ଉତମ ଥିଲା ।

❍ପ୍ରୋଟେଷ୍ଟାଂଟ୍ ଚର୍ଚ୍ଚର ଜଣେ ମହିଳା କହିଲେ ଯେ ଯେତେବେଳେ ପାଦ୍ରୀ ସାହେବ ବକ୍ତବ୍ୟ ଦେଲେ ତାହା ଏତେ ଲମ୍ବା କରିଦେଲେ ଯେ ମୋ ମନରେ ଏ ଭାବନା ଆସିଲା ସେ ବକ୍ତବ୍ୟ ବନ୍ଦ୍ କରିଦିଅନ୍ତେ ହେଲେ । କିନ୍ତୁ ଯେତେବେଳେ ଖଲିଫତୁଲ୍ ମସିହ୍ ଆସିଲେ ମୁଁ ଭାବିଲି ଆପଣ ମଧ୍ୟ ବକ୍ତୃତାକୁ ଲମ୍ବା ନ କରନ୍ତୁ । କିନ୍ତୁ ଯେବେ ଖଲିଫତୁଲ୍ ମସିହ୍ ବକ୍ତବ୍ୟ ଆରମ୍ଭ କଲେ ସେଥିରେ ଏତେ ମଜା ଆସିଲା ଓ ତାହା ହୃଦୟକୁ ଏତେ ପ୍ରଭାବିତ କଲା ଯେ ମୋ ଇଚ୍ଛା ହେଲା ଯେ ଆପଣ ବକ୍ତୃତା ଶେଷ ନ କରନ୍ତୁ ହେଲେ । ଖଲିଫା ବହୁତ ଧୀର ସ୍ୱରରେ ଓ ପ୍ରେମପୂର୍ଣ୍ଣ ସହିତ ଶାନ୍ତିର ବାର୍ତା ଦେଲେ ।

❍ଜଣେ ମହିଳା ଅତିଥି ନିଜର ଭାବନା ବ୍ୟକ୍ତ କରି କହିଲେ ମୁଁ ଆପଣଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ଆଜି ଏହି ଉତ୍ସବରେ ମୋତେ ସାମିଲ୍ ହେବା ପାଇଁ ସୁଯୋଗ ଦିଆଗଲା । ମୋ ପିଲାମାନଙ୍କର ଅହେମଦୀ ପିଲାମାନଙ୍କ ସହିତ ବନ୍ଧୁତା ଅଛି । ଯେବେଠାରୁ ତାଙ୍କୁ ଅହେମଦୀ ପିଲାଙ୍କ ସହିତ ବନ୍ଧୁତା ହେଲାଣି ମୁଁ ତାଙ୍କ ଭିତରେ ଏକ ପ୍ରକାର ସକରାତ୍ମକ ଓ ଉତମ ପରିବର୍ତନ ଦେଖୁଛି । ସେଥିଯୋଗୁଁ ମୁଁ ଚାହୁଁଥିଲି ଯେ ଆପଣଙ୍କର କି ପ୍ରକାର ଶିକ୍ଷା ଅଛି । ଆଜି ଏଠାକୁ ଆସିବା ପରେ ମୁଁ ଜାଣିପାରିଲି ଯେ ମୋ ପିଲାମାନେ ବହୁତ ଉତମ ସାଙ୍ଗଙ୍କ ସହିତ ବନ୍ଧୁତା କରି ସୁରକ୍ଷିତ ଅଛନ୍ତି । ସେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ କରି କହିଲେ ମୋତେ ଏ କଥା ବହୁତ ପ୍ରଭାବିତ କଲା ଯେ ହଜୁର୍ ଅନୁଓ୍ୱର ମୋ ସହିତ ଛିଡ଼ା ହୋଇ ମିଶିଲେ ଏବଂ ମୋର ସମ୍ମାନ କଲେ । ଯଦିଚ ହଜୁର୍ ଅନୁଓ୍ୱର୍ ଷ୍ଟେଜ୍ ଉପରେ ଥିଲେ ଓ ମୁଁ ତଳେ ଥିଲି । ତାହା ସତ୍ୱେ ମଧ୍ୟ ହଜୁର୍ ଅନୁଓ୍ୱର ମୋ ପାଇଁ ନଇଁକରି ଛିଡ଼ାହେଲେ ।

❍ସ୍କୁଲର ଜଣେ ଶିକ୍ଷକ Volker Mauch ନିଜର ଭାବନା ବ୍ୟକ୍ତ କରି କହିଲେ ଯେ ଅହେମଦୀ ଝିଅମାନେ ମୋ ସ୍କୁଲ୍‌ରେ ପାଠ ପଢୁଛନ୍ତି । ସେଥିଯୋଗୁଁ ମୁଁ ଏଠାକୁ ଆସିଛି । ମୋ ଉପରେ ଖଲିଫତୁଲ୍ ମସିହ୍‌ଙ୍କର ଭାଷଣ ଯାଦୁପରି ପ୍ରଭାବିତ କଲା । ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଲା । ଖଲିଫତୁଲ୍ ମସିହିଲ୍‌ଙ୍କ ଭାଷଣ ଯୁକ୍ତିଯୁକ୍ତ ଥିଲା । ଆପଣ ପ୍ରଥମେ ବକ୍ତାମାନଙ୍କର ଭାଷଣକୁ ଧ୍ୟାନ ଦେଇ ଶୁଣିଲେ । ତା ପରେ ତାର ବହୁତ ସୁନ୍ଦର ଉତର ଦେଲେ । ଅଧିକାଂଶ ବକ୍ତା ନିଜର ବକ୍ତବ୍ୟକୁ ଲେଖି ଆଣିଥିଲେ । କିନ୍ତୁ ଖଲିଫତୁଲ୍ ମସିହ୍ ବକ୍ତାମାନଙ୍କର ଭାଷଣ ଶୁଣିବା ଭିତରେ ନୋଟ୍ କରିଚାଲିଥିଲେ । ପୁଣି ଏଠିକାର ସମସ୍ୟାଗୁଡିକର ସମାଧାନ ବହୁତ ଉତମ ରୂପେ ଉପସ୍ଥାପନ କଲେ । ମୁଁ ବଡ଼ ଭାଗ୍ୟବାନ୍ ଯେ ଆଜି ଏଥିରେ ସାମିଲ୍ ହୋଇଅଛି ।

❍ପୋଲିସ୍‌ର ସିକ୍ରେଟ୍ ଏଜେନ୍‌ସିର ଜଣେ ପ୍ରତିନିଧି ନିଜ ସ୍ତ୍ରୀଙ୍କ ସହିତ ଏଠାକୁ ଆସିଥିଲେ । ସେ କହିଲେ ଯେ ଖଲିଫାଙ୍କର ଆଜିର ବକ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଆଜିର ସମୟରେ ଏପରି ଭାଷଣର ଆବଶ୍ୟକତା ଅଛି ।

❍ଜଣେ ଜର୍ନାଲିଷ୍ଟ କହିଲେ ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ ଗୋଟିଏ ଛୋଟିଆ ଯମାତ୍‌ର ଏକ ଛୋଟ ମସ୍‌ଜିଦ୍‌ର ଉଦ୍‌ଘାଟନ ପାଇଁ ଏତେବଡ଼ ବ୍ୟକ୍ତିବିଶେଷ ଏଠାରେ ସାମିଲ୍ ହୋଇଛନ୍ତି । ଏହି ବିଷୟ ଆପଣଙ୍କ ଖଲିଫାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚ କରୁଅଛି ଏବଂ ତାଙ୍କର ନିଜ ଯମାତ୍ ସହିତ ପ୍ରେମ ଓ ସ୍ନେହର ପ୍ରକାଶ କରୁଅଛି ।

❍ଜଣେ ମହିଳା ଅତିଥି ଜଣାଇଲେ ଯେ ମୁଁ ଖଲିଫାଙ୍କ ଭିତରେ ବିନମ୍ରତାକୁ ଦେଖୁଅଛି । ଆପଣଙ୍କ ଭାଷଣରେ ସବୁଦିନିଆ ହେଉଥିବା ବିଷୟଗୁଡିକ ମଧ୍ୟ ବହୁତ ଭଲ ଲାଗୁଛି । ମୁଁ ଏଥିରେ ବହୁତ ପ୍ରଭାବିତ ଯେ ମୁଁ ଇସାଇ ଧର୍ମର ହୋଇଥିଲେ ମଧ୍ୟ ମୋତେ ଇସ୍‌ଲାମ୍ ସହିତ ପରିଚୟ କରାଇଦିଆଗଲା ।

❍ଜଣେ ଅତିଥି Mr.Bernd ନିଜର ଭାବନା ବ୍ୟକ୍ତ କରି କହିଲେ ହଜୁର୍ ଅନୁଓ୍ୱର ବିଭିନ୍ନ ପାର୍ଶ୍ୱରୁ ପ୍ରେମର ଶିକ୍ଷା ଉପରେ ଆଲୋକପାତ କଲେ । ଆପଣଙ୍କର ବ୍ୟକ୍ତିତ୍ୱ ପ୍ରେମଭରା ଜଣାପଡୁଛି । ସେଥିଯୋଗୁଁ ଏପରି ଯମାତ ଶାନ୍ତିପ୍ରିୟ ହୋଇପାରିବ । ସେ ଏକଥାରେ ଆଶ୍ଚର୍ଯ୍ୟ ହୋଇ କହିଲେ ଯେ ହଜୁର୍ ଅନୁଓ୍ୱର୍‌ଙ୍କୁ ନିଜର ଶାନ୍ତିପୂର୍ଣ୍ଣ ଶିକ୍ଷା ନିମନ୍ତେ ବିରୋଧିମାନଙ୍କର ଭୟନାହିଁ, ଯେଉଁମାନେ ଆପଣଙ୍କୁ କ୍ଷତି ପହଂଚାଇପାରିବେ ।

❍ଜଣେ ମହିଳା ଯିଏ ରିଲିଜିଅନ୍ ଟିଚର୍ ଥିଲେ, ସେ ଓ ତାଙ୍କ ସ୍ୱାମୀ କହିଲେ ଯେ ଆଜି ସେମାନେ ଖଲିଫାଙ୍କର ଭାଷଣ ଶୁଣିଛନ୍ତି ଓ ସେମାନେ ପ୍ରକୃତ ଖିଲାଫତ୍‌ର ପ୍ରେମକୁ ଅନୁଭବ କରିଛନ୍ତି ।

❍ ଆଠଜଣ Kindergarten ସମ୍ପର୍କୀୟ ଲୋକେ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ଥିଲେ । ସେମାନେ ସମସ୍ତେ ଏ କଥାରେ ଆଶ୍ଚର୍ଯ୍ୟ ଯେ ଏତେ ଛୋଟ ଯମାତ୍‌ର ପ୍ରୋଗ୍ରାମ୍ ପାଇଁ ଏତେବଡ଼ ବ୍ୟକ୍ତି ଏଠାକୁ ଆସୁଛନ୍ତି । ଜଣେ ସ୍ତ୍ରୀ ଲୋକ କହିଲେ ଇସ୍‌ଲାମ୍ ଉପରେ ଯେଉଁ ସନ୍ତ୍ରାସବାଦ୍‌ର ଆରୋପ ଲଗାଯାଉଛି ସେ ତା ଉପରେ ଏକମତ ନୁହଁନ୍ତି କାରଣ ବାଇବେଲ୍ ଏହାଠାରୁ ଅଧିକ କଠୋରତା ଦେଖାଯାଉଛି ।

❍ଜଣେ ପୁରୁଷ ଅତିଥି କହିଲେ ଯେ ସମ୍ମାନୀୟ ଖଲିଫତୁଲ୍ ମସିହ୍‌ଙ୍କ ଉଚ୍ଚ ପଦ ମର୍ଯ୍ୟାଦା ଆପଣଙ୍କ ବିନମ୍ରତାରୁ ବାରି ହୋଇଯାଉଥିଲା । ଆପଣଙ୍କର ବର୍ଣ୍ଣନା ମଧ୍ୟ ଖୁବ୍ ସୁନ୍ଦର ଥିଲା ଏବଂ ଆପଣ ଇସ୍‌ଲାମ୍‌କୁ ଶାନ୍ତିପୂର୍ଣ୍ଣ ଅଭିହିତ କରିବା ପାଇଁ ଯେଉଁ ରୂପ ଉପସ୍ଥାପନ କଲେ ତାହାଦ୍ୱାରା ମୋ ଉପରେ ଇସ୍‌ଲାମ୍‌ର ନୂଆ ଅର୍ଥ ସ୍ୱଷ୍ଟ ହୋଇଗଲା ।

❍ଜଣେ ପୁରୁଷ ଅତିଥି କହିଲେ ମୋ ଉପରେ ଏହା ସକରାତ୍ମକ ପ୍ରଭାବ ପକାଇଛି ଏବଂ ମହାମହିମ ଖଲିଫତୁଲ୍ ମସିହ୍ କହିଲେ ଯେ ପ୍ରେମ, ସୌହାର୍ଦ୍ଦ୍ୟ ଓ ଭାଇଚାରାର ଅତ୍ୟନ୍ତ ଆବଶ୍ୟକ ଅଛି । ଏହା ମୋତେ ବହୁତ ଭଲ ଲାଗିଲା । ଏବଂ କଠୋରବାଦକୁ ନିଃଶେଷ କରିବା ପାଇଁ ଆପଣ ବହୁତ ଉତମ କଥା ବର୍ଣ୍ଣନା କଲେ ।

❍ଜଣେ ଅତିଥି ମହିଳା କହିଲେ ଯେ ମହାମହିମ ଖଲିଫତୁଲ୍ ମସିହ୍ କହିଲେ ଆମେ ସମସ୍ତେ ଏକ ଓ ଖୁଦାର ସୃଷ୍ଟ । ଏହା ବିଲ୍‌କୁଲ୍ ଠିକ୍ କଥା । ମୋତେ ଏହା ଭଲ ଲାଗିଲା । ଏହା ଦ୍ୱାରା ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

❍ଜଣେ ପୁରୁଷ ଅତିଥି କହିଲେ ମୁଁ ଜାଣିନଥିଲି ଏଠାରେ କଣ ହେବ ବୋଲି । କିନ୍ତୁ ମୋତେ ସବୁ ଜିନିଷ ଏଠାରେ ଭଲ ଲାଗିଲା । ଏଥିରେ ମୁଁ ବହୁତ ପ୍ରଭାବିତ ହୋଇଛି । ମହାମହିମ ଖଲିଫତୁଲ୍ ମସିହ୍ ଏକ ବିଶେଷ ଆତ୍ମା ସହିତ ଆଜି ବକ୍ତବ୍ୟ ଦେଇଛନ୍ତି ଏବଂ କେବଳ ବକ୍ତବ୍ୟ ଦେଇନାହାଁନ୍ତି ବରଂ ଏପରି ଲାଗୁଥିଲା ଯେ ଏ ଲୋକ ଯାହା କହୁଛନ୍ତି ସେ ତାହାର

ଜୀବନ୍ତ ଦୃଷ୍ଟାନ୍ତ ମଧ୍ୟ ଅଟନ୍ତି । ଆପଣଙ୍କର ଭିତରେ ଯେଉଁ ଆତ୍ମା ଅଛି ତାହା ଏତେ ଶକ୍ତିଶାଳୀ ଯେ ଏହା ଆପଣ ଚତୁଃପାର୍ଶ୍ୱର ଲୋକମାନଙ୍କ ମଧ୍ୟରେ ପ୍ରସାରିତ ହୋଇଯାଉଛି । ମୁଁ ଖଲିଫତୁଲ୍ ମସିହ୍‌ଙ୍କର ଉପସ୍ଥିତିରୁ ବହୁତ ଲାଭ ଉଠାଇଲି ।

❍ଜଣେ ପୁରୁଷ ଅତିଥି କହିଲେ ଯେ ମହାମହିମ ଖଲିଫତୁଲ୍ ମସିହ୍‌ଙ୍କ ବ୍ୟକ୍ତିତ୍ୱର ପ୍ରଭାବ ମୋ ଉପରେ ପଡୁଥିଲା ବରଂ ଏଠାରେ ଆପଣଙ୍କ ସଭାରେ ମୁଁ ସାମିଲ୍ ହୋଇ ବହୁତ ବର୍‌କତ୍ ପାଇଛି । ସେଥିଯୋଗୁଁ ଏଠାକୁ ଆସିବା ମୋ ପାଇଁ ସମ୍ମାନର କଥା । ମୁଁ ଯଦି ଏଠାକୁ ଆସିନଥାନ୍ତି ତ ନିଶ୍ଚିତ ରୂପେ ବହୁତ ବଡ଼ ଜିନିଷକୁ ହାତଛଡ଼ା କରିଥାନ୍ତି । ଯମାତ୍ ଅହେମଦୀୟା ଜରିଆରେ ମୋତେ ବାସ୍ତବିକ ଓ ଇସ୍‌ଲାମ୍‌ର ପରିଚୟ ମିଳିଲା ଯାହା ଟିଭି ଦ୍ୱାରା ଦେଖା ଦେଉଥିବା ଇସ୍‌ଲାମ୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଏବଂ ଏଠାରେ ମୋତେ ଶାନ୍ତି ଓ ପ୍ରେମ ମିଳିଛି । କେବଳ ଏହା ନୁହେଁ ଯେ ଶବ୍ଦରେ ବରଂ କାର୍ଯ୍ୟରେ ମଧ୍ୟ ମିଳିଛି । ଏଠାରେ ଏପରି ଲୋକ ମୋତେ ମିଳିଲେ ଯେଉଁମାନେ ଘୃଣା ଚାହାନ୍ତି ନାହିଁ ।

❍ଜଣେ ପୁରୁଷ ଅତିଥି କହିଲେ ଆଜି ପର୍ଯ୍ୟନ୍ତ ମୁଁ ଭାବୁଥିଲି ଯେ ଆମେ ଏକ ଖୁଦାଙ୍କୁ ମାନୁଛୁ କିନ୍ତୁ ବିଭିନ୍ନ ଧର୍ମ ବିଭିନ୍ନ ରାସ୍ତା ଦେଖାଇଛନ୍ତି । କିନ୍ତୁ ଆଜି ଏଠାରେ ଆସି ମୁଁ ଜାଣିଲି ଯେ ମଜ୍‌ହବ୍ (ଧର୍ମ) ବହୁତ ସମାନତାର ରାସ୍ତା ଦେଖାଇଛି, ଭିନ୍ନ ଭିନ୍ନ ନୁହେଁ । ମହାମହିମ ଖଲିଫତୁଲ୍ ମସିହ୍ ଏହାର ବହୁତ ସୁନ୍ଦର ବର୍ଣ୍ଣନା କରିଛନ୍ତି । ମୋତେ ଏ କଥା ବହୁତ ଭଲା ଲାଗିଲା ଯେ ମହାମହିମ ଖଲିଫତୁଲ୍ ମସିହ୍ ବହୁତ ସ୍ୱଷ୍ଟ ରୂପେ ବାକି କଠୋରପନ୍ଥୀ ମୁସଲ୍‌ମାନ୍ ଓ ଦାଏଶ୍ ଇତ୍ୟାଦିଙ୍କ ଠାରୁ ଦୂରରେ ରହିବା ପାଇଁ କହିଲେ । ଏବଂ ଆମକୁ କହିଲେ ଯେ ସେମାନଙ୍କର ଇସ୍‌ଲାମୀୟ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ । ବାସ୍ତବିକ ଏହା ହିଁ ଅଟେ ଯେ ଅଲ୍ଲାଃଙ୍କ ନାମରେ ଯେଉଁ ଦୁର୍ଭାଗ୍ୟପୂର୍ଣ୍ଣ କାର୍ଯ୍ୟ ଦୁନିଆରେ ହେଉଅଛି ସେଥିରେ ଆପଣମାନଙ୍କର କୌଣସି ଦୋଷ ନାହିଁ ବରଂ ସେମାନଙ୍କର ଯେଉଁମାନେ ଏହି ଶିକ୍ଷାକୁ ଖରାପ ରୂପରେ ବର୍ଣ୍ଣନା କରୁଛନ୍ତି । ଯେପରି ମହାମହିମ ଖଲିଫତୁଲ୍ ମସିହ୍ କହିଲେ ଆମ ସମସ୍ତଙ୍କର ଏହା କାର୍ଯ୍ୟ ହେବା ଉଚିତ୍ ପ୍ରେମ ଓ ଭାଇଚାରା ଦ୍ୱାରା ଏହି ଫିତ୍‌ନା ବିରୋଧରେ ଛିଡ଼ା ହେବା ଆବଶ୍ୟକ ।

❍ଜଣେ ପୁରୁଷ ଅତିଥି କହିଲେ ଯେ ମହାମହିମ ଖଲିଫତୁଲ୍ ମସିହ୍‌ଙ୍କ ଏହି ବାର୍ତ୍ତା ଶାନ୍ତି ପାଇବା ପାଇଁ ସମ୍ପୂର୍ଣ୍ଣ ରୂପେ ଠିକ୍ ଅଟେ ଯେ ଯେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିକୁ ଖୁଦାଙ୍କ ଉପରେ ବିଶ୍ୱାସ ଆସିନଥାଏ ଯେପର୍ଯ୍ୟନ୍ତ ସେ ହତ୍ୟା ଇତ୍ୟାଦି ଜଘନ୍ୟ କାର୍ଯ୍ୟ କରିଚାଲିଥାଏ । କାରଣ କୌଣସି ନିରୀହ ଲୋକକୁ ହତ୍ୟା କରିବାର ଅର୍ଥ ଏହା ଯେ ନିଜ ଖୁଦାଙ୍କ ଉପରେ ଥିବା ବିଶ୍ୱାସକୁ ମଧ୍ୟ ହତ୍ୟା କରିବା ଅଟେ ।

⌘⌘⌘⌘⌘⌘

## ୧୧ ଏପ୍ରିଲ୍ ୨୦୧୭ (ମଙ୍ଗଳବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୩୦ ରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ଆସି ନମାଜ ଫଜର୍ ପଢ଼ାଇଲେ । ନମାଜ ପାଠ ପରେ ଆପଣ ନିଜର ରହିବା ସ୍ଥଳୀ ଆପାର୍ଟମେଂଟ୍‌କୁ ପ୍ରତ୍ୟାଗମନ କଲେ । ସକାଳେ ହଜୁର୍ ଅ:ବ:ଅ ଚିଠିପତ୍ର, ରିପୋର୍ଟ ଏବଂ ଡାକ ଇତ୍ୟାଦି ଦେଖିଲେ । ତାପରେ ଉଚିତ୍ ନିର୍ଦ୍ଦେଶମାନ ଦେଲେ ।

### Augsburg ସହରରେ ମସ୍‌ଜିଦ୍ ବଇତୁଲ୍ ନସିର୍‌ର ଉଦ୍‌ଘାଟନୀ ଉତ୍ସବ

ଆଜି ପ୍ରୋଗ୍ରାମ ମୁତାବକ Augsburg ସହରରେ ମସ୍‌ଜିଦ୍ ବଇତୁଲ୍ ନସିର୍‌ର ଉଦ୍‌ଘାଟନୀ ଉତ୍ସବର ପ୍ରୋଗ୍ରାମ୍ ଥିଲା । ପ୍ରୋଗ୍ରାମ୍ ଅନୁଯାୟୀ ସକାଳ ୧୦:୩୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହୋଟେଲ୍‌ରୁ ବାହାରକୁ ଆସିବା କ୍ଷଣି ହୋଟେଲ୍ ସହିତ ସଂଲଗ୍ନ Old peoples home ରେ ରହିଥିବା ଜଣେ ବୟସ୍କ ମହିଳା ବାହାରେ ଛିଡ଼ା ହୋଇ ହଜୁର୍ ଅନୁଓ୍ୱର୍‌ଙ୍କର ପ୍ରତିକ୍ଷା କରିଥିଲେ । ସେ ଆପଣଙ୍କୁ ବିଭିନ୍ନ ପ୍ରୋଗ୍ରାମ୍ ସାରି ଯିବା ଆସିବାର ଦେଖୁଥିଲେ । ଏହା ଦେଖି ସେ କହିଲେ ମୁଁ ହଜୁର୍‌ଙ୍କ ସହିତ ସାକ୍ଷାତ୍ କିରବାକୁ ଚାହୁଁଛି । ସୁତରାଂ ସେ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର୍ ବଡ଼ ସ୍ନେହର ସହିତ ତାଙ୍କ ସହିତ ବାର୍ତ୍ତାଳାପ କଲେ । ଏହାପରେ ସେ କହିଲେ ହଜୁର୍‌ଙ୍କୁ ଦେଖିଲା ପରେ ମୁଁ ସାରା ସଂସାରକୁ ଦେଖିସାରିଛି । ଆଜି ମୋତେ ବହୁତ ବର୍‌କତ୍ ମିଳିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ତା ପରେ କାଫେଲା Waldshut ସହରର Augsburg ନିମନ୍ତେ ଅଗ୍ରସର ହେଲା । Waldshut ସହରରୁ Augsburg ର ଦୂରତା ୩୩୫କି.ମି. । ପାଖାପାଖି ୪ଘଂଟା ୧୦ମିନିଟ୍ ଯାତ୍ରା ପରେ Dorint ହୋଟେଲ୍‌ରେ ପହଂଚିଲେ । ପ୍ରୋଗ୍ରାମ୍ ମୁତାବକ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ପାଇଁ ଯିବାବେଳେ ଏଠାରେ ଖୁବ୍ କମ୍ ସମୟ ପାଇଁ ରହିବାର ବ୍ୟବସ୍ଥା କରାଯାଇଥିଲା । ଏଠାରୁ ଠିକ୍ ୪ଟା ବେଳେ ମସ୍‌ଜିଦ୍ ବଇତୁଲ୍ ନସିର୍ ପାଇଁ ଯାତ୍ରା ଆରମ୍ଭ ହେଲା । ପୋଲିସ୍ ଗାଡ଼ି ଏବଂ ମୋଟର୍ ସାଇକେଲ୍ କାଫେଲାକୁ ଏସ୍‌କଟ୍ କଲେ । ପାଖାପାଖି ୨୦ ମିନିଟ୍ ଯାତ୍ରା ପରେ ହଜୁର୍ ଅନୁଓ୍ୱର୍‌ଙ୍କର ମସ୍‌ଜିଦ୍ ବଇତୁଲ୍ ନସିର୍‌ରେ ଶୁଭାଗମନ ହେଲା ।

ସ୍ଥାନୀୟ ନିବାସୀ ସେଠାରେ ନିଜର ପ୍ରିୟ ଖଲିଫାଙ୍କ ସାନିଧ୍ୟ ହାସଲ କରିବା ପାଇଁ ସକାଳୁ ପ୍ରସ୍ତୁତ ହୋଇଯାଇଥିଲେ । ପ୍ରତ୍ୟେକ ବ୍ୟକ୍ତି ଖୁସି ଅନୁଭବ କରୁଥିଲା ଯେ ପ୍ରଥମଥର ପାଇଁ ହଜୁର୍‌ଙ୍କର ପବିତ୍ର ପାଦ ଏ ସହରରେ ପଡ଼ିବାକୁ ଯାଉଛି । ହଜୁର୍ ଅନୁଓ୍ୱର୍‌ଙ୍କ ଗାଡ଼ି ସେଠାରେ ପହଂଚିବା କ୍ଷଣି ହଜୁର୍ ଗାଡ଼ିରୁ ଓହ୍ଲାଇଲେ । ଯମାତ୍‌ର ଲୋକମାନେ ବହୁତ ଉତ୍ସାହିତ ହୋଇ ନିଜ ପ୍ରିୟ ଆକାଙ୍କର ସ୍ୱାଗତ କଲେ । ପୁଅ ଝିଅମାନଙ୍କର ଗ୍ରୁପ୍ ହୋଇଥିଲା, ଯେଉଁମାନେ ସ୍ୱାଗତ ସଙ୍ଗୀତ ଦୁଆଇଆ ନଜମ୍ ପରିବେଷଣ କଲେ । ଛୋଟବଡ଼ ସମସ୍ତେ ଉପରକୁ ହାତ ଉଠାଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତମ୍ ଜଣାଉଥିଲେ । ମହିଳାମାନେ ନିଜର ପ୍ରିୟ ଆକାଙ୍କ ଦର୍ଶନ ପାଇଁ ଉତ୍ସାହିତ ହେଉଥିଲେ । ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆର ସଦସ୍ୟମାନେ ଏହି ମୌକାରେ ଉପସ୍ଥିତ ଥିଲେ ଯେଉଁମାନେ କଭରେଜ୍ ଦେଉଥିଲେ । ଲୋକାଲ୍ ସଦର୍ ଯମାତ୍ ମୋକରମ୍ ସାଜିଦ୍ ମୁହମ୍ମୁଦ୍ ସାହେବ, ରିଜିଓନାଲ୍ ଅମିର୍ ମୋକରମ୍ ଜଫର୍ ନାଗି ସାହେବ୍ ଓ ରିଜିଓନାଲ୍ ମୋବୋଲିଗ୍ ସିଲ୍‌ସିଲା ମୋକରମ୍ ଉସ୍‌ମାନ୍ ନଓ୍ୱିଦ୍ ସାହେବ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଓ କରମର୍ଦ୍ଦନର ସୌଭାଗ୍ୟ ହାସଲ କଲେ ।

### ସ୍ମାରକୀ ଫଳକର ଉନ୍ମୋଚନ

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲାଗିଥିବା ଫଳକର ଉନ୍ମୋଚନ କରିଲେ ଓ ଦୁଆ କରାଇଲେ । ଏହାପରେ ମସ୍‌ଜିଦ୍‌ର ଭିତର ଭାଗରେ ପଦାର୍ପଣ କରି ନମାଜ ଜୋହର୍ ଓ ଅସର୍ ଏକତ୍ର ପାଠ କଲେ । ଏହା ସହିତ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବର ଶୁଭାରମ୍ଭ ହେଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅତି ସ୍ନେହର ସହିତ ସ୍ଥାନୀୟ ଯମାତ୍‌ର ଲୋକମାନଙ୍କ ସହିତ କରମର୍ଦ୍ଦନ କରିବା ପାଇଁ ସୁଯୋଗ ଦେଲେ । ସ୍ଥାନୀୟ ଯମାତ ମଧ୍ୟରୁ ବହୁତ ଲୋକ ଏହି ମସ୍‌ଜିଦ୍‌ର ନିର୍ମାଣ ନିମନ୍ତେ ଓକାରେ ଅମଲ୍ ଦ୍ୱାରା ଭାଗ ନେଇଥିଲେ ଏବଂ କିଛି କୌଶଳି ବ୍ୟକ୍ତି ନିଜର ବିଭିନ୍ନ କାମକୁ କରିଥିଲେ । ହଜୁର୍ ଅନୁଓ୍ୱର୍ ପିଲାମାନଙ୍କୁ ଚକୋଲେଟ୍ ବାଂଟିଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଲଜ୍‌ନା ହଲ୍‌ରେ ପଦାର୍ପଣ କଲେ ଯେଉଁଠି ମହିଳାମାନେ ଆପଣଙ୍କ ଦର୍ଶନ ପାଇଲେ ଓ ପିଲାମାନେ ଦୁଆଇଆ ନଜମ୍ ଉପସ୍ଥାପନ କଲେ ।

ଏହାପରେ ସ୍ଥାନୀୟ ମଜ୍‌ଲିସ୍ ଆମେଲା, ଯମାତି ଓ୍ୱହ୍‌ଦାଦାର୍ ଓ ଓକାର ଅମଲ୍‌ରେ ଭାଗ ନେଇଥିବା ବିଭିନ୍ନ ସଦସ୍ୟ ଗ୍ରୁପ୍ ଗ୍ରୁପ୍ ହୋଇ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉତୋଳନ କରିବାର ସୌଭାଗ୍ୟ ପାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍‌ର ବାହ୍ୟ ପରିସରକୁ ଆସି ଆଡୁ ର ଏକ ଗଛ ଲଗାଇଲେ । ଏହାପରେ Augsburg ସହରର ମେୟର୍ ମଧ୍ୟ ଗୋଟିଏ ଗଛ ଲଗାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଯମାତି କିଚେନ୍‌ର ପର୍ଯ୍ୟବେକ୍ଷଣ କଲେ । ପୁଣି ପ୍ରୋଗ୍ରାମ୍ ମୁତାବକ ୪:୫୫ ରେ ଏଠାରୁ ହୋଟେଲ୍ ଟୋରିଂଟ୍ ନିମନ୍ତେ ବାହାରିଲେ । ଫେରିବା ସମୟରେ ମଧ୍ୟ ପୋଲିସ୍ କାଫେଲାକୁ ଏସ୍‌କଟ୍ କଲେ । ୫:୧୦ ରେ ହଜୁର୍ ଅନୁଓ୍ୱର୍ ହୋଟେଲ୍ ପହଂଚିଗଲେ ।

### ''ମସ୍‌ଜିଦ୍ ବଇତୁଲ୍ ନସିର୍''ର ଉଦ୍‌ଘାଟନୀ ଉତ୍ସବ ସମ୍ବନ୍ଧରେ ଏକ ସଭା

ହେଟେଲ୍ ସହିତ ସଂଲଗ୍ନ କଂଗ୍ରେସ୍ ହଲ୍‌ରେ ମସ୍‌ଜିଦ୍ ବଇତୁଲ୍ ନସିର୍ ସମ୍ବନ୍ଧୀୟ ଏକ ସଭାର ଆୟୋଜନ କରାଯାଇଥିଲା । ପ୍ରୋଗ୍ରାମ୍ ମୁତାବକ ୬:୨୦ ରେ ହଜୁର୍ ଅନୁଓ୍ୱର୍‌ଙ୍କର କଂଗ୍ରେସ୍ ହଲ୍‌ରେ ଶୁଭାଗମନ ହେଲା । ସ୍ଥାନୀୟ ସଦର୍ ଯମାତ୍ ମୋକରମ୍ ସାଜିଦ୍ ମହେମୁଦ୍ ସାହେବ, ରିଜିଓନାଲ୍ ଅମିର୍ ମୋକରମ୍ ଜଫିର୍ ନାଗି ସାହେବ ଏବଂ ମୋବୋଲିଗ୍ ସିଲ୍‌ସିଲା ମୋକରମ୍ ନଓ୍ୱିଦ୍ ଉସ୍‌ମାନ୍ ସାହେବ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତମ୍ କହିଲେ ଏବଂ ହାତ ମିଳାଇଲେ ।

ଏହି ଅବସରରେ ଇଲାକାର ମେୟର୍ Stefan Kiefer ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, Christine Kamm ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, Harld Guller ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଓ Johann Hausler ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଓ ହାତ ମିଳାଇବାର ସୌଭାଗ୍ୟ ପାଇଲେ । ତତ୍‌ପରେ ହଜୁର୍ ଅନୁଓ୍ୱର୍ ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ

ହେଲା ଯାହାକୁ ମୋକରମ୍ ମଲକ୍ ଉସ୍‌ମାନ୍ ନୱିଦ୍ ସାହେବ୍ ପାଠ କଲେ ଏବଂ ଏହାର ଜର୍ମାନୀ ଅନୁବାଦ ପରିବେଷଣ କରାଗଲା ।

**ମୋକରମ୍ ଅବ୍‌ଦୁଲା ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ଜର୍ମାନୀଙ୍କ ପରିଚୟ ମୂଳକ ଭାଷଣ**

ଏହାପରେ ମୋକରମ ମୋକରମ୍ ଅବ୍‌ଦୁଲା ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ଜର୍ମାନୀ ପରିଚୟ ମୂଳକ ଭାଷଣ ଉପସ୍ଥାପନ କଲେ । ଅମିର୍ ସାହେବ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ପରେ ଏହି ସହରର ପରିଚୟ ଦେଇ କହିଲେ ଯେ Augsburg ସହର ଦକ୍ଷିଣ ଜର୍ମାନୀର ମଧ୍ୟଭାଗରେ ଅବସ୍ଥିତ । ଏହା ଜର୍ମାନୀର ଦ୍ୱିତୀୟ ପୁରାତନ ସହର ଅଟେ । ଏହି ସହରର ଆରମ୍ଭ ଖ୍ରୀ.ପୂ ୧୫ ରୁ ହୋଇଛି । ଏହାର ଜନସଂଖ୍ୟା ଦୁଇଲକ୍ଷ ଅଶୀ ହଜାର ଅଟେ । ଏଥିରେ ବହୁତ ଐତିହାସିକ କୋଠୀମାନ ଅବସ୍ଥିତ ।

ଏହି ସହରରେ ଅହେମଦୀମାନେ ୪୦ରୁ୫୦ ବର୍ଷ ପୂର୍ବେ ଆସି ବସବାସ କରୁଛନ୍ତି । ୧୯୭୦ ମସିହାରେ ଏଠିକାର ସ୍ଥାନୀୟ ଯମାତ୍‌କୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସଙ୍କୁ ସ୍ୱାଗତ କରିବାର ସୌଭାଗ୍ୟ ମିଳିଥିଲା । ଏଠିକାର ସ୍ଥାନୀୟ ଯମାତ୍ ବହୁବର୍ଷ ହେଲା ବ୍ଲଡ୍ ଡୋନେସନ୍ ଚ୍ୟାରିଟି ୱାକ୍, ଫଣ୍ଡ୍ ରିଜିନିଂ, ଚାରାରୋପଣ ଏବଂ ଅନାଥମାନଙ୍କୁ ଖାଦ୍ୟ ପରିବେଷଣ କରିବା ଇତ୍ୟାଦି ସେବାର ସୁଯୋଗ ମିଳୁଛି ।

ମସ୍‌ଜିଦ୍ ନିର୍ମାଣ ସମ୍ବନ୍ଧରେ ଅମୀର ଯମାତ୍ କହିଲେ ଯେ ସେପ୍ଟେମ୍ବର୍ ୨୦୦୯ ରେ ମସ୍‌ଜିଦ୍ ନିର୍ମାଣର ଅନୁମତି ସହରର ଆୟୋଜକଙ୍କ ଠାରୁ ହାସଲ ହେଲା । ଜମିର ଆୟତନ ୧୦୫୫ ସ୍କୋୟାର୍ ମିଟର୍ ଅଟେ । ଏଇ ପ୍ଲଟ୍‌ଟିକୁ ଅକ୍ଟୋବର୍ ୨୦୦୮ ମସିହାରେ ଦୁଇଲକ୍ଷ ପଂଚାନବେ ହଜାର୍ ୟୁରୋ ଦେଇ କିଣାଯାଇଥିଲା । ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ମାର୍ଚ୍ଚ ୨୦୧୬ରେ ଆରମ୍ଭ ହେଲା । ମସ୍‌ଜିଦ୍‌ରେ ପୁରୁଷ ଓ ମହିଳାମାନଙ୍କ ପାଇଁ ଦୁଇଗୋଟି ଅଲଗା ଅଲଗା ହଲ୍ ଅଛି । ପ୍ରତ୍ୟେକ ହଲ୍‌ର ଆୟତନ ୫୫.୯୭ ସ୍କୋୟାର୍ ମିଟର୍ ଅଟେ । ମିନାର୍ ର ଉଚ୍ଚତା ୬.୫୦ମି. ଅଟେ । ଯଦିଚ ଗୁମ୍ବଦର ଉଚ୍ଚତା ୬ମି. ଅଟେ । ସବୁତକ ଏରିଆର ସ୍ଥାନ ୨୨୫ ସ୍କୋୟାର୍ ମିଟର୍ ଅଟେ । ଗୋଟିଏ ଦଫ୍‌ତର୍ ଏବଂ ଗୋଟିଏ ଲାଇବ୍ରେରି ଅଛି । ତତ୍ ସହିତ କିଚେନ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଛି । ସାତଟି ଗାଡ଼ିର ପାର୍କିଂ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହି ମସ୍‌ଜିଦ୍‌ଟି ସଡ଼କର ଉପରେ ଥିବା ଯିବା ଆସିବା କରୁଥିବା ପ୍ରତ୍ୟେକ ଲୋକ ଏହାକୁ ଦେଖୁଥାନ୍ତି ।

**Augsburg ସହର ର ମେୟର୍ ଡାକ୍ତର୍ Stefan Kiefer ଭାଷଣ**

ଅମୀର୍ ସାହେବ୍ ଜର୍ମାନୀଙ୍କ ଭାଷଣ ପରେ Augsburg ସହର ର ମେୟର୍ ଡାକ୍ତର୍ Stefan Kiefer ନିଜର ଭାବ ବ୍ୟକ୍ତ କରି କହିଲେ ମହାମହିମ ଖଲିଫତୁଲ୍ ମସିହ୍ ! ମୁଁ ଏହି ସହରର ବ୍ୟବସ୍ଥାପକ ତରଫରୁ ଖଲିଫତୁଲ୍ ମସିହ୍‌ଙ୍କୁ ସ୍ୱାଗତ ଜଣାଉଛି । ଆଜିର ଦିନଟି ଯମାତ୍ ଅହେମଦୀୟା ଜର୍ମାନୀ ଏବଂ ଯମାତ୍ ଅହେମଦୀୟା Augsburg ପାଇଁ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ଆଜି ଆପଣଙ୍କର ଗୋଟିଏ ମସ୍‌ଜିଦ୍‌ର ଉଦ୍‌ଘାଟନ ହେଉଅଛି । ଆଜିର ଏହି ଦିନଟିର ଗୁରୁତ୍ୱ ଏ କଥାରୁ ମଧ୍ୟ ହୋଇଥାଏ ଯେ ଖଲିଫତୁଲ୍ ମସିହ୍ ଯିଏ ଯମାତ୍ ଅହେମଦୀୟାର ବିଶ୍ୱସ୍ତରୀୟ ଗୁରୁ ଅଟନ୍ତି ନିଜେ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ପାଇଁ ଆସିଛନ୍ତି । ଖଲିଫତୁଲ୍ ମସିହ୍ ପୁରା ଦୁନିଆରେ ଶାନ୍ତିର ବାର୍ତ୍ତା ଦେଉଛନ୍ତି । ଆପଣ ଶାନ୍ତିର ରାଜଦୂତ ଅଟନ୍ତି । ଏବଂ ଶାନ୍ତିର ଭାଷଣ ଦେଉଛନ୍ତି । ସେଥିଯୋଗୁଁ ଆମେ ଖଲିଫତୁଲ୍ ମସିହ୍‌ଙ୍କୁ ଧନ୍ୟବାଦ ଜଣାଉଛୁ । ପୁଣି ସେ କହିଲେ ଯେ ଆଜିର ଏହି ସଂକଟପୂର୍ଣ୍ଣ ସାଂସାରିକ ଯୁଗରେ ଆମେ ଥିବା ଯୋଗୁଁ ଏ ବିପଦର ମଧ୍ୟ ଆଶଙ୍କା ଥାଏ ଯେ ଆମ ନିଜ ଭିତରେ ଘୃଣାଭାବ ଜନ୍ମ ହୋଇଯିବ । ସେଥିପାଇଁ ଆମପାଇଁ ଏହା ଜରୁରୀ ଅଟେ ଯେ କିପରି ଧର୍ମ ମଧ୍ୟରେ ପ୍ରେମ, ସୌହାର୍ଦ୍ଦ୍ୟ ଓ ଭାଇଚାରା ସୃଷ୍ଟି ହେଉ, ଯଦ୍ୱାରା ସୁରକ୍ଷା ମିଳିବ । ତେଣୁକରି ଆଜିର ଦିନଟି ଏଥିପାଇଁ ଦୃଷ୍ଟାନ୍ତ ଅଟେ । ମୋତେ ଆଶା ଯେ ଯମାତ୍ ଅହେମଦୀୟା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଶାନ୍ତି ଏବଂ ଭାଇଚାରାର ଶକ୍ତିସ୍ୱରୂପ ପ୍ରମାଣ ହେବ ।

**ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Christine Kamm ଙ୍କ ଭାଷଣ**

ମେୟରଙ୍କ ଭାଷଣ ପରେ ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Christine Kamm ନିଜର ବକ୍ତବ୍ୟରେ କହିଲେ ସମ୍ମାନୀୟ ଖଲିଫତୁଲ୍ ମସିହ୍ ! ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଆଜିର ଦିନଟି Augsburg ସହରବାସୀଙ୍କ ନିମନ୍ତେ ଆନନ୍ଦର ଦିନ ଅଟେ । କାରଣ ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟଟି ଶେଷ ହୋଇଯାଇଛି । ଏହି ମସ୍‌ଜିଦ୍ ଆମ ସହର ପାଇଁ ଉନ୍ନତିର ମାଧ୍ୟମ ଅଟେ ଏବଂ ବିଶେଷ କରି ଏହି ସ୍ଲୋଗାନ୍ ଦ୍ୱାରା ‘‘ମହବତ୍ ସବ୍ କେଲିଏ, ନଫ୍‌ରତ୍ କିସି ସେ ନେହିଁ’’ । ସେ କହିଲେ ଯେ ଆରମ୍ଭରେ ଏଠାରେ ବହୁତ କଠିନତା ଆସିଥିଲା, କିନ୍ତୁ ବର୍ତ୍ତମାନ ତାହା ଦୁରେଇ ଯାଇଛି । କାରଣ ଏତେ ସୁନ୍ଦର ମସ୍‌ଜିଦ୍ ଏଠାରେ ତିଆରି ହୋଇଛି । ଆପଣ ଦୁନିଆରେ ଯେଉଁ ଶାନ୍ତିର ବାର୍ତ୍ତା ନେଇ ଘୁରି ବୁଲୁଛନ୍ତି ସେଥିପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ।...

**ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Harald Gullerଙ୍କ ଭାଷଣ**

ଏହାପରେ ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Harald Guller ନିଜର ଭାଷଣରେ କହିଲେ ସମ୍ମାନୀୟ ଖଲିଫତୁଲ୍ ମସିହ୍ ! ମୋତେ ବହୁତ ଖୁସି ଅନୁଭବ ହେଉଛି ଯେ ମୁଁ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନରେ ସାମିଲ୍ ହୋଇଅଛି । ଏହା ବହୁତ ସୁନ୍ଦର୍ ମସ୍‌ଜିଦ୍ ଅଟେ । ମୁଁ ଏଥିପାଇଁ କହୁନାହିଁ ଯେ ଏହି ସହରରେ ମୋର ଜନ୍ମ ହୋଇଛି ବୋଲି ବରଂ ବାସ୍ତବରେ ଏହି ମସ୍‌ଜିଦ୍‌ଟି ବହୁତ ସୁନ୍ଦର ଅଟେ । ମୁଁ ଏହି ଅବସରରେ ଯମାତ ଅହେମଦୀୟାକୁ ଧନ୍ୟବାଦ ଦେଉଅଛି ଯେ ସେମାନେ ସବୁତକ ସମୟ ଅର୍ଥାତ୍ ମସ୍‌ଜିଦ୍‌ର ପ୍ଲାନିଂ, ନିର୍ମାଣ କାର୍ଯ୍ୟ ଓ ଉଦ୍‌ଘାଟନୀ ଉତ୍ସବ ଗୁଡିକ ସବୁବେଳେ ଏକ ଉଦାହରଣ ରୂପେ ପରିପ୍ରକାଶ କରିଛନ୍ତି । ଆପଣମାନେ ସବୁ ସମୟରେ ସାହାଯ୍ୟ କରିଛନ୍ତି । ପ୍ରତ୍ୟେକ ଜିନିଷ ଖୋଲାଖୋଲି ଜଣାଇଛନ୍ତି ଏବଂ କଦାପି ମଧ୍ୟ ଲୁଚାଛପାର କାର୍ଯ୍ୟ କରିନାହାଁନ୍ତି । ତେବେ ମୋତେ ବୁଝା ପଡୁନାହିଁ ଯେ କାହିଁକି କିଛି ଲୋକ ଏହି ମସ୍‌ଜିଦ୍‌ର ନିର୍ମାଣରେ ବାଧା ସୃଷ୍ଟି କରିବାକୁ ଚାହୁଁଥିଲେ ।...ସେ ଶେଷରେ ମସ୍‌ଜିଦ୍ ପାଇଁ ଏବଂ ଯମାତ୍ ଅହେମଦୀୟା ପାଇଁ ନିଜର ଶୁଭ କାମନା କଲେ । ଏବଂ ଆପୋଷରେ ପ୍ରେମ ଓ ଶାନ୍ତିରେ ରହିବା ପାଇଁ ଇଚ୍ଛା ପ୍ରକାଶ କଲେ ।

**ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Johann Hauler ଙ୍କ ଭାଷଣ**

ଏହାପରେ ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Johann Hauler ନିଜର ଭାବ ବ୍ୟକ୍ତ କରି କହିଲେ ମହାମହିମ ଖଲିଫତୁଲ୍ ମସିହ୍ ! ମୁଁ ସର୍ବପ୍ରଥମେ ଏହି ନିମନ୍ତ୍ରଣ ପାଇଁ ଧନ୍ୟବାଦ ଦେଉଛି ଯେ ଏପରି ଗୁରୁତ୍ୱପୂର୍ଣ୍ଣ ଅବସରରେ ଡକାଯାଇ ସାମିଲ୍ କରାଯାଉଛି । ଯମାତ୍ ଅହେମଦୀୟାରେ Augsburg ଙ୍କୁ ମଧ୍ୟ ମୋବାରକ୍ ଦେଉଅଛି ଯେ ସେମାନେ ଏପରି ଏକ ଅତି ସୁନ୍ଦର୍ ମସ୍‌ଜିଦ୍ ନିର୍ମାଣ କରିଛନ୍ତି ।....

**ହଜୁର୍ ଅନୱ୍ୱର୍ ଅ:ବ:ଅ ଙ୍କ ଭାଷଣ**

ହଜୁର୍ ଅନୱ୍ୱର୍ ଅ:ବ:ଅ ତଶହୁଦ୍ ତଉଜ୍ ଏବଂ ତସ୍‌ମିଆ ପରେ କହିଲେ ସମସ୍ତ ସମ୍ମାନୀୟ ଅତିଥିଗଣ ! ଅସ୍‌ସଲାମୋ ଆଲୈକୁମ୍ ୱ ରହେମତୁଲାହେ ୱ ବର୍‌କାତୁହୁ । ଅଲ୍ଲାଃତାଲା ଆପଣ ସମସ୍ତଙ୍କ ଉପରେ ସର୍ବଦା ଶାନ୍ତି ବର୍ଷଣ କରନ୍ତୁ । ଯେପରି ଜଣେ ସମ୍ମାନୀୟ ବକ୍ତା କହିଲେ ଯେ ଯେଉଁ ତିଲାୱ୍ୱତ୍ କରାଯାଇଥିଲା ସେଥିରେ ଆମକୁ ଏହି ନିର୍ଦ୍ଦେଶ ଦିଆଯାଇଛି ଯେ ନମାଜ ସହିତ ତୁମକୁ ପୁଣ୍ୟ କାର୍ଯ୍ୟ କରିବା ଉଚିତ୍ ଏବଂ ଅସଲ ପୁଣ୍ୟ ଲୋକସେବା ଅଟେ, ଗରିବଙ୍କ ଧ୍ୟାନ ରଖିବା, ଅନାଥଙ୍କର ଧ୍ୟାନ ରଖିବା ଓ ଏହିପରି ଅନ୍ୟାନ୍ୟ ପୁଣ୍ୟ କାର୍ଯ୍ୟ କରିବା ଅଟେ । ତେଣୁ ଯେତେବେଳେ ଆମେ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରୁଛୁ ତ ଏହି ଆଶା ରଖି ତାହା ଆମେ ନିର୍ମାଣ କରିଛୁ ଯେ ଉକ୍ତ ନିର୍ଦ୍ଦେଶ ଉପରେ ଆମେ ଅମଲ କରିବୁ । ଯେଉଁଠି ଆମେ ମସ୍‌ଜିଦ୍‌ରେ ଉପାସନା କରିବା ସେଠି ଆମକୁ ଲୋକମାନଙ୍କର ମଧ୍ୟ ସେବା କରିବାକୁ ହେବ ।

ତେଣୁ ଏହା ଏକ ମୂଳ ଜିନିଷ ଯାହା ଉପରେ ଅହେମଦୀମାନେ ସର୍ବଦା ସମ୍ମୁଖରେ ରଖିବେ । ଏହି କାରଣ ଯୋଗୁଁ ଦୁନିଆର ଗରିବ ଦେଶଗୁଡିକରେ ଆମେ ବହୁତ ଗୁଡିଏ ସେବା କରୁଛୁ । ଯେଉଁଠି ଆମର ମସ୍‌ଜିଦ୍ ତିଆରି ହେଉଛି ସେଠାରେ ସ୍କୁଲ୍ ମଧ୍ୟ ତିଆରି ହେଉଛି । ହସ୍‌ପିଟାଲ୍ ମଧ୍ୟ ନିର୍ମାଣ ହେଉଛି । ବରଂ ଏପରି ଗରିବ ଦେଶଗୁଡିକରେ ଏବଂ ତାହା ରିମୋଟ୍ ଏରିଆରେ ଯେଉଁଠି ବିଜୁଳି ଏବଂ ପାଣିର ବ୍ୟବସ୍ଥା ନାହିଁ ସେଠି ଆମେ ବିଜୁଳି ଓ ପାଣିର ବ୍ୟବସ୍ଥା କରୁଛୁ ।

ମୁଁ ଏହାର ଉଦାହରଣ ସବୁବେଳେ ଦେଉଛି ଯେ ଏହି ଉନ୍ନତଶୀଳ ଦେଶ ଗୁଡିକରେ ଆମେ ପାଣିର ସଦୁପଯୋଗ କରୁନେ । ଏହା ସତ୍ତ୍ୱେ ମଧ୍ୟ ସବୁଠାରେ ଲେଖାଯାଇଛି ଯେ ପାଣିର ସୁରକ୍ଷା କର । ପାଣିକୁ କମ୍ ବ୍ୟବହାର କର ଏବଂ ପାଣିର ସଠିକ୍ ବ୍ୟବହାର କର । କିନ୍ତୁ ପାଣିର ଅନୁଭବ ସେତେବେଳେ ହୋଇଥାଏ ଯେତେବେଳେ ଆମେ ଗରିବ ଆଫ୍ରିକାର ଦୂରଦୂରାନ୍ତ ଇଲାକକୁ ଯାଇଥାଉ ଯେଉଁଠି ଗାଁ ଗହଳିର ପିଲାମାନେ ସ୍କୁଲ୍ ଯିବା ଓ ଶିକ୍ଷା ଗ୍ରହଣ ଛାଡ଼ି ଗରିବ ହୋଇଥିବା ଯୋଗୁଁ

ଶିକ୍ଷାରୁ ବଂଚିତ ହୋଇଥାନ୍ତି । ସେମାନେ ବାଲ୍‌ଟି ଓ ପାତ୍ର ଗୁଡ଼ିକୁ ଧରି ବହୁ ଦୂରକୁ ଯାଇ ମଇଳା ପାଣି ସଂଗ୍ରହ କରି ଆଣନ୍ତି ଏବଂ ତାକୁ ତାଙ୍କ ଘରେ ବ୍ୟବହାର କରାଯାଏ । ତେବେ ଏହିପରି ସ୍ଥାନରେ ଯଦି ଆପଣ ସଫା ପାଣିର ବ୍ୟବସ୍ଥା କରିବେ ହ୍ୟାଣ୍ଡପମ୍ପ୍ ଲଗାଇବେ ବା ୱାଟର୍ ପମ୍ପ୍ ଲଗାଇବେ ସେତେବେଳେ ସେମାନଙ୍କର ଖୁସି ଆପଣ ଦେଖିବେ । ସେମାନଙ୍କର ଖୁସିର କୌଣସି ସୀମା ନଥାଏ । ଏହି ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ଲଟେରି ଉଠାଣ ହୁଏ । ଯାହାର ମିଲିୟନ୍ ଡଲାର୍ ବା ମିଲିୟନ୍ ପାଉଣ୍ଡ୍ ବା ମିଲିୟନ୍ ୟୁରୋ ଲଟେରୀ ଉଠିଥାଏ ସେ ଖୁସିରେ ଡ଼େଇଁପଡ଼େ । କିନ୍ତୁ ସେହି ଖୁସିକୁ ସେ ଅନୁଭବ କରିବ ଯିଏ ଉକ୍ତ ଗରିବ ପିଲାଙ୍କୁ ତାଙ୍କ ଘର ସମ୍ମୁଖରେ ସଫା ପାଣିର ବ୍ୟବସ୍ଥା କରିବ । ଯେତେବେଳେ ଏହା ମିଳେ ଲାଗେ ଯେପରି ଲଟେରି ଉଠିଗଲା ।

ତେଣୁ ଏହି ସବୁ ଅନୁଭବ ଯାହା ଆମ ହୃଦୟରେ ଅଛି ଯେଉଁଥି ପାଇଁ ଆମେ ଲୋକଙ୍କୁ ଅଲ୍ଲାଃତାଲାଙ୍କ ଆଡ଼କୁ ଡାକୁଛୁ ସେଠି ଆମେ ଲୋକଙ୍କର ସେବା ମଧ୍ୟ କରୁଅଛୁ ଏବଂ ଏଥିପାଇଁ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କୁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜରତ୍ ମହମ୍ମଦ୍ ମୁସ୍ତାଫା ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ପ୍ରେରଣ କରିଛନ୍ତି । କାରଣ ଇସ୍‌ଲାମ୍‌ର ପ୍ରତିଷ୍ଠାତା ଏହା କହିଥିଲେ ଯେ ଗୋଟିଏ ସମୟ ଏପରି ଆସିବ ଦୁନିଆରେ ଯେତେ ମୁସଲ୍‌ମାନ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅସଲ ଶିକ୍ଷାକୁ ଭୁଲିଯିବେ । ସେହି ସମୟରେ ଜଣେ ଅଲ୍ଲାଃତାଲାଙ୍କ ନିକଟରୁ ଆସିବେ ଯିଏ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ Revive କରିବେ ଏବଂ ପ୍ରକୃତ ଇସ୍‌ଲାମ୍‌ର ଶିକ୍ଷାକୁ ପୁନଃ ପ୍ରତିଷ୍ଠା କରି ପ୍ରସାର କରିବେ । ଏହା ସବୁ କିଛି ଆମେ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କଠାରୁ ଶିଖିଅଛୁ । ସେ କହୁଛନ୍ତି ଯେ କଠୋରବାଦ, ସନ୍ତ୍ରାସବାଦ, ଜିହାଦ୍ ଓ ଯୁଦ୍ଧ ଏଗୁଡ଼ିକ ଇସ୍‌ଲାମ୍ ନୁହେଁ । ଅସଲ ଇସ୍‌ଲାମ୍ ଏହା ଅଟେ ଯେ ତୁମେ ଭକ୍ତଙ୍କୁ ଖୁଦାଙ୍କ ସହିତ ମିଶାଅ । ନିଜକୁ ମଧ୍ୟ ଖୁଦାଙ୍କ ସହିତ ସମ୍ପର୍କ କରାଅ ଓ ଏହି ଲକ୍ଷ୍ୟ ପାଇଁ ମୁଁ ଆସିଛି ବୋଲି ସେ କହିଲେ । ଦ୍ୱିତୀୟରେ କହିଲେ ଯେ ଏକ ଆରେକର ହକ୍ ପ୍ରଦାନ କରନ୍ତୁ । ଏହି ଦୁଇଟି ଜିନିଷ ଯାହା ଯମାତ୍ ଅହେମଦୀୟାର ମୂଳଶିକ୍ଷା ଅଟେ । ଏବଂ ଏହାକୁ ନେଇ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଖଲିଫାମାନେ ଆଗକୁ ଚାଲିଛନ୍ତି ।

ବର୍ତମାନ ଦୁନିଆରେ ଗୋଟିଏ ବିଖ୍ୟାତ ଖିଲାଫତ ଚାଲିଛି ଯାହାର ନାମ ଦାଏସ୍ । ଯିଏ ଦୁନିଆରେ ଫସାଦ୍ ଓ ଅଶାନ୍ତି ପ୍ରସାର କରିଚାଲିଛି ଏବଂ ସଂସାରର ଚାରିପଟୁ ସନ୍ତ୍ରାସବାଦକୁ ପ୍ରସାର କରିଚାଲିଛି । ନା କେବଳ ପାଶ୍ଚାତ୍ୟରେ ବରଂ ନିଜ ଦେଶରେ ମଧ୍ୟ ଇରାକ୍, ଶିରିଆ ଏବଂ ଅନ୍ୟାନ୍ୟ ଇସ୍‌ଲାମୀୟ ଦେଶଗୁଡ଼ିକରେ ମଧ୍ୟ ଶହ ଶହ ହଜାର ହଜାର ଲୋକ ବିନା କାରଣରେ ହତ୍ୟା ହେଉଛନ୍ତି ତାହା ଖିଲାଫତ୍ ନୁହେଁ କାରଣ ତାହା ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ ନୁହେଁ । ଏବଂ ତାହା ଖିଲାଫତ୍ ହୋଇପାରିବ ନାହିଁ କାରଣ ସେ ଖିଲାଫତ୍‌ର ତରିକା ମୁତାବକ ଆସିନାହିଁ ଯାହାକୁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ ଭବିଷ୍ୟବାଣୀ କରି ଜଣାଇଥିଲେ । କାରଣ ପ୍ରକୃତ ଖିଲାଫତ୍ ସେ ସମୟରେ ହେବ ଯେତେବେଳେ ଅଲ୍ଲାଃତାଲାଙ୍କ ପ୍ରେରିତ ମସିହ୍ ମଉଦ୍ ଓ ମେହେଦୀ ମଉଦ୍ ଆସିବେ । ତା ପରେ ଖିଲାଫତ୍ ଜାରି ହେବ । ସେମାନେ ଉକ୍ତ କାର୍ଯ୍ୟଗୁଡ଼ିକ କରିବେ ଯାହାକୁ ମୁଁ ପୂର୍ବରୁ ବର୍ଣ୍ଣନା କରିଛି ଅର୍ଥାତ୍ ଭକ୍ତଙ୍କୁ ପ୍ରଭୁଙ୍କ ସହିତ ମିଳାଇବେ ଓ ଅନ୍ୟର ଅଧିକାରକୁ ପ୍ରଦାନ କରିବେ । ସୁତରାଂ ବାସ୍ତବିକ ଖିଲାଫତ ଓ ଅବାସ୍ତବ ଖିଲାଫତ୍ ମଧ୍ୟରେ ଏହାହିଁ ହେଉଛି ମୂଳ ଫରକ । ଏହାକୁ ସର୍ବଦା ମନେ ରଖିବା ଉଚିତ୍ । ସେଥିପାଇଁ ଇସ୍‌ଲାମ୍‌ର ଶିକ୍ଷା ଦ୍ୱାରା କୌଣସି ଅଣ ମୁସଲମାନ ମାନଙ୍କୁ ଡ଼ରିବା, ଭୟ କରିବା ବା ଦୂରେଇ ରହିବାର ଆବଶ୍ୟକ ନାହିଁ ।

ଏଠି ମେୟର୍ ସାହେବ୍ କହିଲେ ଯେ ଏହି ଇଲାକାର ମସ୍‌ଜିଦ୍‌ରେ ଆମେ ଗୋଟିଏ ଗଛ ଲଗାଇଛୁ । ଯେଉଁଠି ଗଛ ଗୁଡ଼ିକ ବାହ୍ୟ ସୌନ୍ଦର୍ଯ୍ୟ ପାଇଁ ଲଗାଯାଏ ଏବଂ ସେଥିରୁ ଫଳ ହାସଲ କରାଯାଏ । ଯେଉଁଠି ବୃକ୍ଷଲତା ସବୁଜତା ପାଇଁ ଏବଂ ପରିବେଶକୁ ସଫା କରିବା ପାଇଁ ଲଗାଯାଏ । ଆଜିକାଲି କ୍ଲାଇମେଟ୍ ଚେଂଜ୍ ଯୋଗୁଁ ପ୍ରଦୂଷଣ ଅତ୍ୟଧିକ ବଢ଼ିଯାଇଛି । ସେଥିଯୋଗୁଁ ପ୍ଲାଂଟେସନ୍ କରାଯାଉଛି । କିନ୍ତୁ ଆମର ସେହି ବୃକ୍ଷ ସହିତ ପ୍ରେମର ବୃକ୍ଷ ମଧ୍ୟ ବିଦ୍ୟମାନ । ଆମେ ସେ ବୃକ୍ଷ ଲଗାଇବାକୁ ଚାହୁଁଛୁ ଯଦ୍ୱାରା ବାହ୍ୟ ପରିବେଶ ସୁନ୍ଦର ହେବା ସହିତ ଆଭ୍ୟନ୍ତରୀଣ ପରିବେଶ ମଧ୍ୟ ସୁନ୍ଦର ହେବ ।...

ଆମର ଶ୍ରୀମତୀ ଏମ୍.ପି ମଧ୍ୟ ଠିକ୍ କହିଛନ୍ତି । ତାଙ୍କ ଭାବନାକୁ ଧନ୍ୟବାଦ ଦେଉଛି । ସେ କହିଲେ ଯେ ଏଠିକାର କିଛିଲୋକେ ଅବୁଝାମଣା ପରିସ୍ଥିତିରେ ରହୁଛନ୍ତି । କିନ୍ତୁ ଇନ୍‌ଶାଆଲ୍ଲାଃତାଲା ଏହି ମସ୍‌ଜିଦ୍ ନିର୍ମାଣ ଦ୍ୱାରା ସବୁ ଦୂରେଇଯିବ ।

ଆମେ ଦୁନିଆର ପ୍ରତ୍ୟେକ ସ୍ଥାନରେ ଏକ୍‌ତିଲାଫ୍ ବିରୋଧରେ ସ୍ୱର ଉତଳନ କରୁଛୁ । ଆମେ ଦୁନିଆର ପ୍ରତ୍ୟେକ ସ୍ଥାନରେ ସନ୍ତ୍ରାସବାଦ ବିରୋଧରେ ସ୍ୱର ଉତଳନ କରୁଛୁ ଏବଂ ଆମେ ଏହା ଚାହୁଁଅଛୁ ଯେ ଦୁନିଆ ଏକ ଆରେକର ବିରୋଧ ନକରି ପ୍ରେମର ସହିତ ରହୁ ଏବଂ ଆପୋଷରେ ମିଳିମିଶି ରହୁ ।

ଦୁନିଆରେ ବିଭିନ୍ନ ଧର୍ମ ଅଛନ୍ତି ବରଂ ଆମେ ମୁସଲ୍‌ମାନମାନଙ୍କ ବିଶ୍ୱାସ ମୁତାବକ ଅଲ୍ଲାଃତାଲା ଏ ଦୁନିଆର ପ୍ରତ୍ୟେକ କୌମ୍‌ରେ ନବୀ ଓ ମହାପୁରୁଷ ପ୍ରେରଣ କରିଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ବାର୍ତାକୁ ପହଂଚାଇଥାନ୍ତି । ଅର୍ଥାତ୍ ଅଲ୍ଲାଃଙ୍କର ଉପାସନା କର ଓ ପୁଣ୍ୟକୁ ପ୍ରସାର କର । ଏହା ହିଁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ।

ଲୋକମାନେ ଭାବୁଛନ୍ତି ଯେ ପବିତ୍ର କୋରାନ୍‌ରେ ଜିହାଦ୍ କରିବା ପାଇଁ କୁହାଯାଇଛି, ସନ୍ତ୍ରାସବାଦ ପ୍ରସାର ବିଷୟରେ କୁହାଯାଇଛି । ସେଥିଯୋଗୁଁ ଏହି ମୁସଲ୍‌ମାନମାନେ ସନ୍ତ୍ରାସବାଦ ହେଉଛନ୍ତି । କିନ୍ତୁ ବାସ୍ତବରେ ପବିତ୍ର କୋରାନ୍‌ରେ ଶାନ୍ତି ଓ ପ୍ରେମର ଶିକ୍ଷା ବହୁତ ମାତ୍ରାରେ ଦିଆଯାଇଛି । ଯଦି କେଉଁଠି ଜିହାଦ୍‌ର ଶିକ୍ଷା ଦିଆଯାଇଛି ସେଠି ସର୍ତ ଲଗାଯାଇଛି । ଜିହାଦ୍‌ର ଅସଲ ଅର୍ଥ ହେଉଛି ଚେଷ୍ଟା କରିବା ଓ କୁକର୍ମକୁ ଶେଷ କରିବା ପାଇଁ ଚେଷ୍ଟା କରିବା । ଏହାହିଁ ପ୍ରକୃତ ଜିହାଦ୍ ଅଟେ ଯାହାକୁ ଯମାତ୍ ଅହେମଦୀୟା କରିଚାଲିଛି ।...

ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜରତ୍ ମହମ୍ମଦ୍ ମୁସ୍ତାଫା ସ:ଆ:ସଙ୍କ ବାର୍ତା ଥିଲା ଯେ ଯେତେବେଳେ ମସିହ୍ ମଉଦ୍ ଆସିବେ ସେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ବର୍ଣ୍ଣନା କରିବେ ଏବଂ ତାର ପ୍ରସାର ମଧ୍ୟ କରିବେ । ତେବେ ତୁମେ ତାଙ୍କ ଉପରେ ବିଶ୍ୱାସ ନେଇଆସିବ । ତେଣୁ ଯମାତ୍ ଅହେମଦୀୟାର ଏ ଶିକ୍ଷା ଯେ ମହବତ୍ ସବ୍‌କେଲିଏ, ନଫରତ୍ କିସି ସେ ନେହିଁ ଏହା କୌଣସି ଶିକ୍ଷା ନୁହେଁ ବରଂ ଏହା ସେହି ଶିକ୍ଷା ଯାହାକୁ ଇସ୍‌ଲାମ୍‌ର ମୂଳ ଶିକ୍ଷାରେ ନିହିତ ଅଛି । ଯାହାକୁ ପବିତ୍ର କୋରାନ୍ ବର୍ଣ୍ଣନା କରିଛି । ଦୁଃଖର କାରଣ ଏହା ସେ ଓ୍ୱଲେମାମାନେ ଏହି ଶିକ୍ଷାକୁ ବିକୃତ କରି ଉପସ୍ଥାପନ କରୁଛନ୍ତି । ମୁସଲ୍‌ମାନମାନଙ୍କୁ ଏତିକି ଅବସର ନାହିଁ ଯେ ବାସ୍ତବିକ ଶିକ୍ଷା କଣ ତାହା ସେ ଅନୁଧ୍ୟାନ କରିବେ । ଏହା କିପରି ଲିଡ଼ରସିପ୍ ଯିଏ ମୁସଲ୍‌ମାନମାନଙ୍କୁ ଖରାପ ରାସ୍ତାରେ ପକାଇଦେଇଛି । ଇସ୍‌ଲାମ୍‌ର ପ୍ରକୃତ ଲିଡରସିପ୍ ତାହା ଯାହା ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆସିଅଛି । ଏବେ ଯମାତ୍ ଅହେମଦୀୟ ଏହାକୁ ନେଇ ଆଗକୁ ମାଡ଼ିଚାଲିଛି । ତେଣୁ ଏହା ହିଁ ହେଉଛି ଇସ୍‌ଲାମ୍‌ର ମୂଳ ଶିକ୍ଷା ଏବଂ ଏହା ହିଁ ହେଉଛି ମସ୍‌ଜିଦ୍ ନିର୍ମାଣ କରିବାର ମୂଳ ଲକ୍ଷ୍ୟ ।... ଇସ୍‌ଲାମ୍‌ର ଅର୍ଥ ହେଉଛି ଅମନ୍ ଓ ଶାନ୍ତି । ଆମେ ଏହି କଥା ଉପରେ ଅଟଳ ଅଛୁ ଯେ କିଏ କୌଣସି ଧର୍ମର ହୋଇଥାଉ ନାଁ କାହିଁକି ତେବେ ମଧ୍ୟ ଆମେ ସେହି ଖୁଦାଙ୍କ ଉପରେ ବିଶ୍ୱାସ ରଖିଅଛୁ ଯିଏ ରବ୍‌ବୁଲ୍ ଆଲମିନ୍ ଅଟନ୍ତି । ଅର୍ଥାତ୍ ସମସ୍ତଙ୍କ ପ୍ରାଣୀଜଗତର ପାଳନକର୍ତା । ତାହା ନିୟମାନୁସାରେ ସେ ଯେଉଁଠି ଧାର୍ମିକ ଲୋକମାନଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦେଇଛି ସେଠି ଅଧର୍ମୀମାନଙ୍କୁ ମଧ୍ୟ ସେ ସବୁ ଦେଇଛି ଅର୍ଥାତ୍ ଜଳ, ବାୟୁ ଇତ୍ୟାଦି ଇତ୍ୟାଦି ।

ଆମ ବିଶ୍ୱାସ ମୁତାବକ ମଣିଷର ହିସାବ ମରିବା ପରେ ହେବ । ସେଥିଯୋଗୁଁ ଆମର କୌଣସି ଅଧିକାର ନାହିଁ ଯେ ଆମେ ଏ ଦୁନିଆରେ କାହାର ଫଇସଲା କରିବୁ ଯେ କିଏ କିପର ଅଟେ ବୋଲି । ହଁ ପ୍ରକୃତ ବାର୍ତା ପହଂଚାଇବା ପ୍ରେମ ଓ ଶାନ୍ତିର ବାର୍ତା ପହଂଚାଇବା ଅଲ୍ଲାଃତାଲାଙ୍କ ଆଡ଼କୁ ଡାକିବାର ବାର୍ତା ପହଂଚାଇବା ଏହା ସବୁ ଆମର କାର୍ଯ୍ୟ ଅଟେ, ଯାହାକୁ ଆମେ କରିଚାଲିଛୁ ଏବଂ ଇନ୍‌ଶାଆଲ୍ଲାଃ ଆମେ କରିଚାଲିବୁ । ମୋତେ ଆଶା ଅଛି ଯେ ଏହି ମସ୍‌ଜିଦ୍‌ର ନିର୍ମାଣ ପରେ ଏଠିକାର ଅହେମଦୀ ବାସୀ ପୂର୍ବରୁ ଅଧିକ କାର୍ଯ୍ୟ କରିବେ । ଯେଉଁଠି ମସ୍‌ଜିଦ୍‌କୁ ଆସି ଅଧିକରୁ ଅଧିକ ଇବାଦତ୍‌ର ହକ୍ ପ୍ରଦାନ କରିବେ ସେଠି ନିଜ ପଡ଼ୋଶୀ, ବନ୍ଧୁ, ସାଙ୍ଗସାଥିଙ୍କର ମଧ୍ୟ ହକ୍ ପ୍ରଦାନ କରିବେ ଏବଂ ସର୍ବଦା ପୂର୍ବରୁ ଅଧିକ ପ୍ରେମ ଓ ସୌହାର୍ଦ୍ଦ୍ୟର ବାର୍ତା ଆମ ସମସ୍ତଙ୍କୁ ସେମାନଙ୍କ ତରଫରୁ ମିଳିବ ଏବଂ ଆଶା କରୁଛି ଯେ ସେମାନେ ନିଶ୍ଚିତ ଏପରି କରିବେ । ଅଲ୍ଲାଃ କରନ୍ତୁ ଯେ ସେମାନେ ଏପରି କରନ୍ତୁ । ଧନ୍ୟବାଦ ! ହଜୁର୍ ଅନ୍ୱର୍‌ଙ୍କର ଏହି ଭାଷଣ ୭:୧୭ ମିନିଟ୍‌ରେ ଶେଷ ହେଲା । ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ଦୁଆ କରାଇଲେ । ଏହାପରେ ନିମ୍ନଲିଖିତ ଇଲେକ୍‌ଟ୍ରୋନିକ୍ ଓ ପ୍ରିଂଟ୍ ମିଡ଼ିଆର ଜର୍ନାଲିଷ୍ଟମାନେ ହଜୁର୍ ଅନ୍ୱର୍‌ଙ୍କର ଇଂଟର୍‌ଭ୍ୟୁ ନେଲେ । କ୍ରମଶଃ... **(ବ ହୱାଲା ଅଖ୍‌ବାର୍ ବଦର୍ ୪,୧୧ ମଇ-୨୦୧୭)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 20 JULY 2017 Issue No. 29

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ୨୦୧୭

* ଖଲିଫାଙ୍କ ଚେହେରାରେ ଅହରହ ହସ ଓ ପ୍ରେମ ଝଲସୁଛି । ମତେ ଖଲିଫାଙ୍କ ଚେହେରାରେ ଖୁଦା ଦିଶୁଛନ୍ତି * ଖଲିଫତୁଲ୍ ମସିହଙ୍କ ଭାଷଣର ଗୋଟିଏ ଗୋଟିଏ ଶବ୍ଦ ସତ୍ୟ ଉପରେ ପର୍ଯ୍ୟବେଶିତ ଥିଲା ଓ ସମୟସାପେକ୍ଷ ଥିଲା । ଆମେ ସାମିଲ୍ ହୋଇ ବହୁତ ଆନନ୍ଦିତ * ଖଲିଫତୁଲ ମସିହଙ୍କ ଚେହେରାରୁ ରୁହାନିୟତ (ଆଧ୍ୟାତ୍ମିକତା) ପ୍ରକାଶ ହେଉଅଛି । ଖଲିଫତୁଲ୍ ମସିହ୍‌ଙ୍କ ଭାଷଣ ଆମ ସମସ୍ତଙ୍କ ପାଇଁ ଗରୁତ୍ୱପୂର୍ଣ୍ଣ ଅଟେ * ଆଜିର ପ୍ରୋଗ୍ରାମ ବର୍ତମାନର କଠିନ ପରସ୍ଥିତିରେ ଶାନ୍ତି ପ୍ରତିଷ୍ଠା ପାଇଁ ଗୋଟିଏ ଦୀପ (ସମା) ର ସ୍ଥାନ ରଖୁଛି । ଖଲିଫାଙ୍କ ବକ୍ତବ୍ୟ ବୈଭବଶାଳୀ ଥିଲା । ଯେଉଁଥିରେ ଆପଣ ପ୍ରେମ ଓ ପଡୋଶୀଙ୍କ ଅଧିକାରକୁ କିପରି ପ୍ରଦାନ କରାହେବ, ଏହାର ଆଗ୍ର/ସୃଷ୍ଟି କଲେ * ମୋ ଉପରେ ଖଲିଫତୁଲ୍ ମସିହଙ୍କ ବକ୍ତବ୍ୟ ଯାଦୁ ପରି ପ୍ରଭାବ ପକାଇଲା । ମୋ ହୃଦୟ ବହୁତ ପ୍ରଭାବିତ । ଖଲିଫତୁଲ୍ ମସିହଙ୍କ ବକ୍ତବ୍ୟ ବହୁତ ଯୁକ୍ତିଯୁକ୍ତ ଥିଲା * ହଜୁର ଅନୁଓ୍ୱର ବିଭିନ୍ନ ପାର୍ଶ୍ୱରୁ ପ୍ରେମର ଶିକ୍ଷା ଉପରେ ଆଲୋକପାତ କଲେ । ଆପଣଙ୍କ ବ୍ୟକ୍ତିତ୍ୱ ପ୍ରେମଭରା । ତେଣୁ ଏପରି ଯମାତ ଶାନ୍ତିପ୍ରିୟ ହୋଇଥିବ * ମୁଁ ଏ କଥାରେ ଅତ୍ୟନ୍ତ ପ୍ରଭାବିତ ହୋଇଛି ଯେ ମହାମହିମ ଖଲିଫତୁଲ୍ ମସିହ୍ କୌଣସି ବିଶେଷ ରୁହ (ଆତ୍ମା) ସହିତ ଆଜି ଭାଷଣ ଦେଇଛନ୍ତି ଏବଂ କେବଳ ଭାଷଣ ଦେଲେ ନାହିଁ ବରଂ ଏପରି ଅନୁଭବ ହେଉଥିଲା ଯେ ଏ ବ୍ୟକ୍ତି ଯାହା କହୁଛନ୍ତି, ତା'ର ଜୀବନ୍ତ ଦୃଷ୍ଟାନ୍ତ ମଧ୍ୟ ନିଜେ ଅଟନ୍ତି । ଏବଂ ଆପଣଙ୍କ ମଧ୍ୟରେ ଥିବା ଆତ୍ମା ଏତେ ଶକ୍ତିଶାଳୀ ଯେ ତାହା ଆପଣଙ୍କ ଚତୁଃପାର୍ଶ୍ୱରେ ରହିଥିବା ଲୋକମାନଙ୍କ ନିକଟକୁ ଚାଲିଯାଉଛି ।

**ହଜୁର୍ ଅନୁଓ୍ୱର ଅ:ବ:ଅ ଙ୍କ ବୈଭବଶାଳୀ ଭାଷଣ ଶୁଣି ଅତିଥିମାନଙ୍କର ଭାବବ୍ୟକ୍ତ**

* ପ୍ରେମ ଓ ସ୍ନେହର ବାର୍ତା ପହଂଚାଇବା, ଅଲ୍ଲାତାଲାଙ୍କ ନିକଟକୁ ଆସିବା ପାଇଁ ବାର୍ତା ପହଂଚାଇବା, ଏହାସବୁ ଆମର କାର୍ଯ୍ୟ ଯାହା ଆମେ କରିଚାଲିଛୁ ଏବଂ ଇନ୍‌ଶାଅଲ୍ଲାଃତାଲା କରିଚାଲିବୁ ଏବଂ ମତେ ଆଶା ଅଛି ଯେ ଏହି ମସ୍‌ଜିଦ୍ ତିଆରି ହେବାପରେ ଏଠିକାର ଅହେମଦୀ ପୂର୍ବଠାରୁ ବଳି ଏହି କାର୍ଯ୍ୟ କରିବେ । ପ୍ରଥମରୁ ଅଧିକ ଯେଉଁଠି ଏମାନେ ମସ୍‌ଜିଦ୍ ଆସି ନିଜ ଇବାଦତ୍‌ର ହକ୍ ପ୍ରଦାନ କରିବେ, ସେଠି ନିଜ ପଡ଼ୋଶୀ, ନିଜ ସାଙ୍ଗସାଥିମାନଙ୍କର ମଧ୍ୟ ହକ୍ (ଅଧିକାର) ପ୍ରଦାନ କରିବେ * ଆମେ ଯେଉଁଠି ଅଲ୍ଲାଃଙ୍କ ଆଡ଼କୁ ଲୋକମାନଙ୍କୁ ଡାକୁଛୁ ସେଠି ଖିଦ୍‌ମତ୍ ଖଲକ୍ (ଜନସେବା) ମଧ୍ୟ କରୁଛୁ ଓ ଏଥିପାଇଁ ଅଲ୍ଲାଃତାଲା ଯମାତର ପ୍ରତିଷ୍ଠାତାଙ୍କୁ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ପ୍ରେରଣ କଲେ * ଅସଲ ଇସ୍‌ଲାମ୍ ଏହା ଅଟେ ଯେ ତୁମେ ଭକ୍ତଙ୍କୁ ଖୁଦାଙ୍କ ସହିତ ମିଳନ କରାଅ * ନିଜକୁ ଅଲ୍ଲାଙ୍କ ସହିତ ସମ୍ପର୍କ କରାଅ । ଏହି ଲକ୍ଷ୍ୟ/ଉଦ୍ଦେଶ୍ୟ ପାଇଁ ମସିହ୍ ମଉଦ୍ ଆ:ସ କହିଲେ ଯେ ମୁଁ ଆସିଛି ଓ ବତାଉଛି ଯେ ଜଣେ ଅନ୍ୟଜଣଙ୍କ ହକ୍ ପ୍ରଦାନ କର । ଏହା ଦୁଇଟି ଜିନିଷ ଯାହା ଯମାତ ଅହେମଦୀୟାର୍ ମୂଳ ଶିକ୍ଷା ଅଟେ । ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫତ୍ ଆମକୁ ବହି ଚାଲିଛି * ଆମେ ଦୁନିଆର ପ୍ରତ୍ୟେକ ସ୍ଥାନରେ ହେଉଥିବା ବିରୋଦ/ମତଭେଦର ବିରୋଧରେ ସ୍ୱର ଉତୋଳନ କରୁଛୁ, ସନ୍ତ୍ରାସବାଦ ବିରୋଧରେ ସ୍ୱର ଉତୋଳନ କରୁଛୁ । ଆମ ଚାହୁଁଛୁ ଯେ ଦୁନିଆ ଜଣେ ଅନ୍ୟଜଣଙ୍କୁ ବିରୋଧ କରିବା ପରିବର୍ତେ ପ୍ରେମ ଓ ଶାନ୍ତିରେ ବସବାସ କରନ୍ତୁ ଓ ନିଜ ଭିତରେ ମିଳିମିଶି ରୁହନ୍ତୁ * ମୁସଲ୍‌ମାନ୍ ଓ୍ୱଲେମାମାନେ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଇସ୍‌ଲାମୀ ଶିକ୍ଷାକୁ ବିକୃତ କରି ପରିବେଷଣ କରୁଛନ୍ତି ଓ ମୁସଲ୍‌ମାନ୍‌ମାନଙ୍କୁ ଏତିକି ଟିକିଏ ଶକ୍ତି ନାହିଁ ଯେ ସେ ନିଜେ ଦେଖନ୍ତୁ ଯେ ବାସ୍ତବିକ ଶିକ୍ଷା କଣ ? ଏହି ଭୁଲ୍ ଲିଡ଼ରଶିପ୍ ହିଁ ମୁସଲ୍‌ମାନଙ୍କୁ ଭୁଲ୍ ରାସ୍ତାରେ ପକାଇଦେଉଛି । ଇସ୍‌ଲାମ୍‌ର ସଠିକ୍ ଲିଡ଼ର୍‌ଶିପ୍ ତାହା ଅଟେ ଯାହା ଇସ୍‌ଲାମ୍‌ର ପ୍ରତିଷ୍ଠିତ (ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ) ଙ୍କ ଭବିଷ୍ୟବାଣୀ ମୁତାବକ ଆସିଅଛି ଏବେ ଯମାତ ଅହେମଦୀୟା ଏହାକୁ ନେଇ ଗତିଶୀଳ । ମସ୍‌ଜିଦ୍ ବଇତୁଲ୍ ନସିର୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ହଜୁର୍ ଅ:ବ:ଅ ଙ୍କ ହୃଦୟସ୍ପର୍ଶୀ ଭାଷଣ ।

**ମସ୍‌ଜିଦ୍ ବୈତୁଲ୍ ନସିର୍ ର ଉଦ୍‌ଘାଟନୀ ଉତ୍ସବ ଅବସରରେ ହଜୁର୍ ଅ:ବ:ଅ ଙ୍କ ହୃଦୟସ୍ପର୍ଶୀ ଭାଷଣ ।**

**(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)**

**୧୦ ଏପ୍ରିଲ୍ ୨୦୧୭ର ବାକି ରିପୋର୍ଟ (ସୋମବାର)**

ରେଡିଓ ଚ୍ୟାନେଲ୍ 4 SWR ର ଜର୍ନାଲିଷ୍ଟ ହଜୁର୍ ଅନୁଓ୍ୱରଙ୍କ ନିକଟରୁ ଇଂଟର୍‌ଭ୍ୟୁ ନେଲେ । ଜର୍ନାଲିଷ୍ଟ୍ ଜଣଙ୍କ ମସ୍‌ଜିଦ୍ ନିର୍ମାଣ ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ- ଯେଉଁଠାରେ ମଧ୍ୟ ଆମର କମ୍ୟୁନିଟି ଅଛନ୍ତି, ଆମେ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ଚେଷ୍ଟା କରିଥାଉ । ଇଲାକାର କଉଁସିଲ୍ ଓ ଅଧରର୍ଟିଜ୍‌ଙ୍କ ଅନୁମତି ମିଳିବା ପରେ ଆମେ ମସ୍‌ଜିଦ୍ ନିର୍ମାଣ କରିଥାଉ ଓ ମସ୍‌ଜିଦ୍ ନିର୍ମାଣ ପାଇଁ ଉପଯୁକ୍ତ ଯାଗା ମଧ୍ୟ ଚୟନ କରୁ । ଆମେ ଅତ୍ୟନ୍ତ ଶାନ୍ତିପ୍ରିୟ ଲୋକ ଅଟୁ ।

❍ଜର୍ନାଲିଷ୍ଟ୍ ପ୍ରଶ୍ନ କଲେ-ଆପଣଙ୍କ କାର୍ଯ୍ୟ ସହଜ ହୋଇଅଛି ବା ଅଧିକା ଜଟିଳ/କଷ୍ଟ ହେଉଛି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ- ଯେତେବେଳେ ଲୋକେ ଆମକୁ ଜାଣି ନିଅନ୍ତି ଓ ଆମର ପରିଚୟ ହୋଇଯାଏ ତେବେ ଆମର କାର୍ଯ୍ୟ ସହଜ ହୋଇଯାଏ । କାରଣ ପ୍ରତ୍ୟେକଙ୍କୁ ଶାନ୍ତି ଭଲ ଲାଗେ । ଫଳତଃ ସେମାନେ ଆମ ଆଡ଼କୁ ଆସିଥାନ୍ତି ।

❍ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ ଯେ ଆପଣ ଆସନ୍ତା କାଲି କଣ କୌଣସି ମସ୍‌ଜିଦ୍‌ର ଉଦ୍‌ଘାଟନ କରୁଛନ୍ତି ? ଏହାର ଉତରରେ ହଜୁର୍ ଅନୁଓ୍ୱର କହିଲେ: ଇନ୍‌ଶାଅଲ୍ଲାଃହୁଲ୍ ଅଜିଦ୍ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ଲଜ୍‌ନାଙ୍କ ଟେଂଟ୍‌ରେ ପଦାର୍ପଣ କଲେ ଯେଉଁଠି ସ୍ତ୍ରୀଲୋକମାନେ ହଜୁର୍‌ଙ୍କୁ ଦର୍ଶନ କଲେ । ହଜୁର୍ ଅନୁଓ୍ୱର ଛୋଟ ପିଲାମାନଙ୍କୁ ସ୍ନେହରେ ଚକୋଲେଟ୍ ପ୍ରଦାନ କଲେ । ଏହି ପ୍ରୋଗ୍ରାମ୍‌ର ଶେଷରେ ୮:୧୦ ରେ ହଜୁର୍ ହୋଟେଲ୍ ପ୍ରତ୍ୟାଗମନ କଲେ । ୮:୫୦ ରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ "ବଇତୁଲ୍ ଆଫିୟତ୍"ରେ ଆସି ନମାଜ ମଗ୍‌ରିବ୍ ଓ୍ୱ ଇଶା ଏକତ୍ର ପାଠ କରାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର ନିଜର ରହିବା ସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**ଅତିଥିମାନଙ୍କ ମନୋଭାବ**

ଆଜି ଏହି ମସ୍‌ଜିଦ୍‌ର ଉଦ୍‌ଘାଟନି ଉତ୍ସବରେ ସାମିଲ୍ ହୋଇଥିବା କିଛି ଅତିଥିଗଣ ନିଜର ମନୋଭାବ ପ୍ରକାଶ କରି କହିଲେ ଯେ ଖଲିଫତୁଲ୍ ମସିହ୍‌ଙ୍କ ଭାଷଣ ତାଙ୍କ ହୃଦୟକୁ ବହୁତ ପ୍ରଭାବିତ କରିଛି । କିଛି ଅତିଥିଙ୍କ ଆତ୍ମପ୍ରକାଶ ନିମ୍ନରେ ଦିଆଯାଉଛି ।

❍ ପ୍ରୋଟେଷ୍ଟାଂଟ୍ ଚର୍ଚ୍ଚର ପାଦ୍ରୀ Stockburger ସାହେବ୍ ଯିଏ ନିଜର ଭାଷଣ ମଧ୍ୟ ଦେଇଥିଲେ । ହଜୁର୍‌ଙ୍କ ଭାଷଣ ଶୁଣିବା ପରେ ନିଜ ଭାବ ବ୍ୟକ୍ତ କରି କହିଲେ-ଖଲିଫତୁଲ୍ ମସିହ୍ ଯେଉଁ ରୁହ୍‌କୁ ଆଜି ଆମ ମଧ୍ୟରେ ଜନ୍ମ କରାଇବା ପାଇଁ ଚେଷ୍ଟା କରିଛନ୍ତି, ମୋର ଏହି ଆଶା ଯେ ଆପଣ ଯେଉଁଠିକି ଯାଆନ୍ତୁ ସେଠି ଏହି ରୁହ୍‌କୁ ପ୍ରସାର କରନ୍ତୁ । ଯାହାଦ୍ୱାରା ପରିଶେଷରେ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

❍Basel ସହରରୁ ଆସିଥିବା ଜଣେ ଡାକ୍ତର କହିଲେ- ମୋତେ ସାରାଜୀବନ

ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ.......

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan